ଆଞ୍ଚଳିକ ମନ୍ଥନ
ମଙ୍ଗଳବାର, ୧୦, ମାର୍ଚ୍ଚ, ୨୦୨୬ Tuesday,10March 2026, Bhubaneswar




# ଆନ୍ତର୍ଜାତୀୟ ମହିଳା ଦିବସ ରେ କରିସ୍ମା ଦେଖାଇଲେ ପୂର୍ବ ଉପକୂଳ ପ୍ରଗତିଶିଳ ମହିଳା ଟ୍ରଷ୍ଟ

ପାରାଦୀପ, ୯ ।୩:(ମନ୍ଥନ)ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପାରାଦୀପ ରେ ଦେଖିବାକୁ ମିଳିଛି ବିଶାଳ ମହିଳା ଶୋଭାଯାତ୍ରା ଏହି ଶୋଭାଯାତ୍ରା ରେ ଆଦିବାସୀ ସମ୍ପ୍ରଦାୟ ଙ୍କ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସାଥିରେ ମହିଳା ମାନେ ବେଶ ଖୁସିର ସହିତ ଏହି ଶୋଭାଯାତ୍ରା ରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ପୂର୍ବ ଉପକୂଳ ପ୍ରଗତିଶୀଳ ମହିଳା ଟ୍ରଷ୍ଟ ର ମହିଳା ମାନେ ଏହି ବିଶାଳ ଶୋଭାଯାତ୍ରା ରେ ତାରିଣୀମନ୍ଦିର ନିକଟରୁ ଶୋଭାଯାତ୍ରା ଆରମ୍ଭ କରି ବାଲିଝରା ବସ୍ତି ପରିକ୍ରମା କରିବା ସହିତ ରତ୍ନମାଳି ଜେମା କଲୋନୀ ରେ ପହଞ୍ଚି ଆନ୍ତର୍ଜାତୀୟ ମହିଳା ଦିବସ ର ପତାକା ଉତ୍ତୋଳନ କରିଥିଲେ ଟ୍ରଷ୍ଟ ର ଆବାହକ ତଥା ବରିଷ୍ଠ ଆଇନଜିବି ଦେବବ୍ରତ ସାହୁ ।ଏହି ଅବସରରେ ଟ୍ରଷ୍ଟ ତରଫରୁ ରତ୍ନମାଳି ଜେମା କଲୋନୀ ରେ



ପାନୀୟ ଜଳ, ରାସ୍ତା ଓ ବିଦ୍ୟୁତ ସମସ୍ୟା ସହିତ ଅନେକ ମୌଳିକ ସମସ୍ୟା କୁ ନେଇ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ହଜାର ହଜାର ମହିଳା ପଦଯାତ୍ରା ରେ ସାମିଲ ହୋଇ ଶକ୍ତି ପ୍ରଦର୍ଶନ କରିବା ଘଟଣା କେଉଁଠି ନା କେଉଁଠି ପ୍ରଛଦ ପଟରେ ରାଜନୈତିକ ଛାପା ରହିଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ଗତ ବିଜୁବାବୁ ଙ୍କ ଜୟନ୍ତୀ ରେ ଅନୁପସ୍ଥିତ ରହିଥିବା ବିଜେଡି ର କିଛି ଆଗଧାଡିର ଯୁବକ ମାନେ ଏହି କାର୍ଯ୍ୟକ୍ରମ ରେ ନଜର ଆସିଥିଲାବେଳେ ବିଜେଡିର କିଛି ଆଗଧାଡ଼ିର ମହିଳା ମାନେ ମଧ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରୁଥିବା ଦେଖିବାକୁ ମିଳିଥିଲା । ଯାହା ବିଜୁଜୟନ୍ତୀ ରେ ପାରାଦୀପ ନଗର ବିଜେଡି ର ପୁନରମିଳନ କାର୍ଯ୍ୟକ୍ରମ ର କିଛିଦିନ ଭିତରେ ଉକ୍ତ କାର୍ଯ୍ୟକ୍ରମ ରେ ଅନୁପସ୍ଥିତ ରହିଥିବା ଦଳୀୟ କର୍ମୀ ଏହି ବିଶାଳ ଶୋଭାଯାତ୍ରା ପରିଚାଳନା କୁ ନେଇ ହେଉଥିବା ଲୋକ ଆଲୋଚନା ଜୋର ଧରିଥିଲାବେଳେ ପୁଣିଥରେ ପାରାଦୀପ ବିଜେଡି ଶିବିର ରେ ଅସ୍ଥିରତା ପରିଲକ୍ଷିତ ହେବା ସ୍ପଷ୍ଟ ପ୍ରମାଣିତ ହୋଇଛି । ଏହି କାର୍ଯ୍ୟକ୍ରମ ରେ ପାଞ୍ଚ ନମ୍ବର ଓ ଛ ନମ୍ବର ୱାର୍ଡ ର ହଜାର ହଜାର ମହିଳା ଅନ୍ତର୍ଜାତୀୟ ମହିଳା ଦିବସ ରେ ଆୟୋଜିତ ଶୋଭାଯାତ୍ରା ରେ ସାମିଲ ହୋଇ କରିସ୍ମା ଦେଖାଇବାସହ ନିଜ ହକ ପାଇଁ ଆବଶ୍ୟକ ପଡିଲେ ରାଜରାସ୍ତା କୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

# କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ଅଷ୍ଟମ ସାଧାରଣ ବୈଠକ

କେନ୍ଦ୍ରାପଡ଼ା, ୯ ।୩:(ମନ୍ଥନ)କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ଅଷ୍ଟମ ସାଧାରଣ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସଭାପତି ସୁଶ୍ରୀ ଲିଲିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଆଳି ବିଧାୟକ ପ୍ରତାପକେଶରୀ ଦେବ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର.ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକଙ୍କ ସମେତ ଲାଇନ୍‌ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦର ବିଭିନ୍ନ ପ୍ରକଳ୍ପ ଗୁଡିକ ଅର୍ଥ ଅଭାବରୁ କାର୍ଯ୍ୟକାରୀ ହୋଇପାରୁନଥିବା ଏବଂ କାର୍ଯ୍ୟାନ୍ୱୟନ ହୋଇପାରୁନଥିବା ପ୍ରକଳ୍ପ ଗୁଡିକର ନାମ ବଦଳା ଯାଉନଥିବାରୁ ବିଧାୟକ ଓ ଜିଲ୍ଲାପରିଷଦ ସଭ୍ୟସଭ୍ୟାମାନେ କ୍ଷୋଭ ପ୍ରକାଶ କରିଥିଲେ। ୬ନମ୍ବର ଜୋନ ଅନ୍ତର୍ଗତ ମାଗୁରାଗଣ୍ଡପାଟଣା ଆଦିବାସୀ ପଡାରେ ଦୀର୍ଘ ବର୍ଷ ଧରି ଲାଗିରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି ସେଠାରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ପୂର୍ବରୁ ତାଙ୍କ ପାଣ୍ଠିରୁ ଅର୍ଥ ମଞ୍ଜୁର କରିଥିଲେ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସେଠାରେ ବୋରିଂ, ବିଦ୍ୟୁତକରଣ ଏବଂ ପମ୍ପ୍ ହାଉସ ନିର୍ମାଣ କାର୍ଯ୍ୟ ଜିଲ୍ଲା ପରିଷଦ ପାଣ୍ଠିରୁ ୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬ମାସ ପୂର୍ବରୁ ଶେଷ ହୋଇଥିବା ବେଳେ ପାଇପଲାଇନ ବିଛା ହେଉନଥିବାରୁ ଅଦ୍ୟାବଧି ସେହି ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇପାରିନଥିବା ସଭ୍ୟା ଶ୍ରୀମତୀ ମହାନ୍ତି ଅଭିଯୋଗ କରିଥିଲେ। ଫଳରେ ମାଗୁରାଗଣ୍ଡପାଟଣା ଆଦିବାସୀ ବସ୍ତି ସମେତ ଗୋବିନ୍ଦଜୀଉ ପାଟଣା ଗ୍ରାମବାସୀମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଆବଶ୍ୟକ ଅର୍ଥ ମଞ୍ଜୁର କରାଯିବାକୁ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ମହାନ୍ତି କେନ୍ଦ୍ରାପଡା ଜିଲ୍ଲାପାଳ ଓ କେନ୍ଦ୍ରାପଡା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସନ୍ତା ଗ୍ରୀଷ୍ମପ୍ରବାହ ପୂର୍ବରୁ ଏହି ପ୍ରକଳ୍ପର କାର୍ଯ୍ୟକ୍ଷମ କରାଯିବାକୁ ସେ ଦାବି କରିଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ,ସଭ୍ୟା ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ, ୯ ।୩:(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ୩ ଜଣଙ୍କୁ ହୋଇଥିବାବେଳେ ୧ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା ।ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଓ ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମାସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ଆଇଏସଆର ଡ଼ି ୱାନ ଷ୍ଟପ ସେଣ୍ଟର ଏବଂ ଶକ୍ତି ସଦନ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ପାଳିତ

ନବରଙ୍ଗପୁର, ୯ ।୩:(ମନ୍ଥନ) ଆଜି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଶକ୍ତି ସଦନ ପରିସରଠାରେ ଆଇ ଏସ ଆର ଡ଼ି ୱାନ ଷ୍ଟପ ସେଣ୍ଟର ସଖୀ ଶକ୍ତି ସଦନ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରିଥିଲେ । ଆଇ ଏସ ଆର ଡ଼ି ନିର୍ଦ୍ଦେଶକ ସୁଧୀର ସାବତ ସ୍ୱାଗତ ସମ୍ଭାଷଣ ଦେବା ସହ ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ର ବାର୍ତ୍ତା । ସଶକ୍ତ ଓ ସ୍ୱାବଲମ୍ବୀ ମହିଳା ନିମନ୍ତେ ସମାନ ସୁଯୋଗ । ଉପରେ ଆଲୋକପାତ କରିଥିଲେ । ରଞ୍ଜିତା ସାହୁ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ କହିଥିଲେ ଏହା ପରେ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଜିଲ୍ଲା ପାଳ ମହିଳାମାନେ କିପରି ଅବହେଳିତ ନିଷ୍ପେସିତ ନ ହୋଇ ସମାଜର ବିକାଶ କ୍ଷେତ୍ରରେ ସାମିଲ ହେବେ ତା ଦିଗରେ ସର୍ବଦା ଜିଲ୍ଲା ପ୍ରଶାସନ ମହିଳା ଙ୍କ ସହିତ ରହିଛି ବୋଲି ପ୍ରତିଶ୍ରୁତି ଦେଇ ସମାଜ ପ୍ରତି ମହିଳା ମାନଙ୍କ ବିଶେଷ କରି ମା ଙ୍କ ଅବଦାନ କୁ ସମ୍ମାନ ଜଣେଇ ଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଜଣେ ମହିଳା ସ୍ୱାବଲମ୍ବୀ ଶିକ୍ଷିତା ହେଲେ କିପରୀ ସମାଜ ସଶକ୍ତ ହେବ ଏହା ଉପରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସମାଜରେ ନାରୀଙ୍କ ଅବଦାନକୁ ନେଇ ସମ୍ମାନ



ଜଣେଇଥିଲେ । କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମୀର କୁମାର ପାତ୍ର ,ମହିଳା ସୁରକ୍ଷା ଅଧିକାରୀ ରୋମା ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟି ଅଜନ୍ତା ଶୁଭଦର୍ଶୀନୀ, କୁନି ମଣି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ମିନତୀ ଦାସ ସି ଡ଼ି ପି ଓ, ଡାବୁଗାଁ, ସସ୍ମିତା ଦାସ ଏ ଏସ ଆଇ, ଉର୍ମିଳା ବ୍ରହ୍ମା ଅଧାପିକା ଅର୍ଥନୀତି, ଭୈରବ କଲେଜ ଡାବୁଗାଁ ହବ ଜିଲ୍ଲା ସଂଯୋଜିକା ସରିତା ପାଣି ସସ୍ମିତା ପାତ୍ର କର୍ମକର୍ତ୍ତା ସୌରଭ ଉପାଧ୍ୟାୟ ଆଭା ସମେତ ଅତିଥି ଉପସ୍ଥିତ ରହି ମହିଳାଙ୍କ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ସହ ଜିଲ୍ଲା ଏବଂ ଡାବୁଗାଁ ବ୍ଲକ ର ବିଭିନ୍ନ ବିଭାଗର ମହିଳା ମାନଙ୍କୁ ସମ୍ମାନିତ କରାଗଲା ସେମାନଙ୍କ ମଧ୍ୟରୁ ଉପ ଆରକ୍ଷୀ ଅଧିକ୍ଷକ ସରୋଜ କିସ୍ପୋଟା , ଦ୍ରୌପଦୀ କହଁର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ରୋମା ପଟ୍ଟନାୟକ ମହିଳା ସୁରକ୍ଷା ଅଧିକାରିଣୀ, ସସ୍ମିତା ଦାସ ଏ ଏସ ଆଇ ଡାବୁଗାଁ, ବୀଣା ମାଝୀ ଡାବୁଗାଁ ପଂଚାୟତ ସମିତି ଅଧ୍ୟକ୍ଷା, ୱାର୍ଡ ମେମ୍ବର ମନରମା ଜାନି, ମିନତୀ ଦାସ ସି ଡ଼ି ପି ଓ, ଡାବୁଗାଁ, ବିମ୍ବଳା ନାୟକ ମଣ୍ଡଳ ପରିଦର୍ଶିକା, ଉର୍ମିଳା ବ୍ରହ୍ମା ଅଧ୍ୟାପିକା ଅର୍ଥନୀତି ଡାବୁଗାଁ କଲେଜ, ସୌଦାମିନୀ ସାହୁ ନର୍ସିଙ୍ଗ ଅଫିସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାବୁଗାଁ, ସବିତା ମିଶ୍ର ସ୍ୱାସ୍ଥ୍ୟ କର୍ମୀ,ସନ୍ଧ୍ୟା ରାଣୀ ପାଢ଼ୀ ଅଙ୍ଗନବାଡି ଘୋଡ଼ାଖୁଣ୍ଟା,ରାଇମତି କନ୍ଧପାନ , ଅଙ୍ଗନବାଡି ନୂଆଗୁଡା, ମମତା ବେହେରା , ଅଙ୍ଗନବାଡି ହାଟପଦା, ସଂଗୀତା ସାହୁ ଗୋଷ୍ଠୀ ସହାୟିକା, ଜ୍ୟୋତ୍ସ୍ନା ନାୟକ ଗୋଷ୍ଠୀ ସହାୟିକା, ଶାନ୍ତି ବିଷୋୟୀ ଗୋଷ୍ଠୀ ସହାୟିକା,ମଧୁସ୍ମିତା ବିଷୋୟୀ ସଭାପତି ମା ବୈଷ୍ଣବୀ ସ୍ୱୟଂ ସହାୟକ ଗୋଷ୍ଠୀ ,ଜ୍ୟୋତ୍ସ୍ନା ସିଂ, ଆଶା କର୍ମୀ ଡଙ୍ଗରୀଗୁଡା ଲିପ୍ସା ପ୍ରଧାନୀ , ଆଶା କର୍ମୀ କେଲିଆ। ଙ୍କୁ ସମ୍ମାନିତ କରାଗଲାୟ ଏହି ଅବସରରେ ଶକ୍ତି ସଦନ ତରଫରୁ ଅନ୍ତେବାସି ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ଏବଂ ସେମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଗଲାୟ ଏହିପରି ନିର୍ଯାତିତା ବାଳିକା ଏବଂ ମହିଳା ମାନଙ୍କ ନିମନ୍ତେ ଦୀର୍ଘ ବର୍ଷ ହେବ ଆଇ ଏସ ଆର ଡ଼ି ଅଧୀନସ୍ଥ ୱାନ ଷ୍ଟପ ସେଣ୍ଟର ଏବଂ ଶକ୍ତି ସଦନ କାର୍ଯ୍ୟ କରି ଆସୁଛି । ଶେଷରେ ସରିତା ପାଣି ଜିଲ୍ଲା ସଂଯୋଜିକା ଧନ୍ୟବାଦ ଅର୍ପଣ କରି ଥିଲେ ।ଏହି କାର୍ଯ୍ୟକ୍ରମ କୁ ପ୍ରଭାତ ପାଢ଼ୀ, ଗୋପାଳ ଦଳବେହେରା, ଗୀତାଞ୍ଜଳି ପାଣିଗ୍ରାହୀ, ସ୍ମରଣିକା ପଟ୍ଟନାୟକ, ଜସ୍ମିନ ସିଂ, ପିନି ଖୋସଲା, ମମିତା ମହାନ୍ତି, ଟୁନି କନ୍ଧ ପାନ, ସ୍ୱର୍ଣ୍ଣଲତା ବେନିଆ, ରଶ୍ମିତା ଜାଲ, ରାଇମତି ହରିଜନ, ଡିସେମ୍ବର ହରିଜନ ପ୍ରମୁଖ ସଂଯୋଜନା କରିଥିଲେ ।

## ବନମାଳିପୁରରେ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଯାତ୍ରା ଆରମ୍ଭ

# ୪ ଦିନ ଧରି ଚାଲିବ ଦ୍ୱିତୀୟ ପଞ୍ଚୁଦୋଳ ମହୋତ୍ସବ

ଖଣ୍ଡପଡ଼ା, ୯ ।୩:(ମନ୍ଥନ)ଖଣ୍ଡପଡା ବ୍ଲକ ଅଧିନ ବନମାଳିପୁର ସୋମନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଯାତ୍ରା ଆରମ୍ଭ ହୋଇଛ । ଗତକାଲି ବିଳମ୍ବିତ ସନ୍ଧ୍ୟାରେ ପୁର୍ବ ରିତୀନିତୀ, ବିଧି ଓ ପରମ୍ପରା ଅନୁଯାଇ ଏହି ପ୍ରସିଦ୍ଧ ମେଳଣର ସ୍ଥାନାଧିପତି ପ୍ରଭୁ ଶ୍ରୀ ପଶ୍ଚିମାମୁଖୀ ସୋମନାଥ ଦେବଙ୍କୁ ଏକ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରରୁ ଅଣାଯାଇ ଏକ



ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଚିତ୍ତାକର୍ଷକ ଆତସବାଜି ଭଜନ କୀର୍ତ୍ତନ, ଘଣ୍ଟ, ଘଣ୍ଟା, ତୁରୀ, ଶଙ୍ଖ ନାଦ, ଘୋଡାନାଚ ସହ ହଜାର ହଜାର ଭକ୍ତଙ୍କ ଗହଣରେ ମେଳଣ ପଡିଆରେ ବିଜେ କରାଯାଇଥିଲା । ପ୍ରଭୁ ସୋମନାଥ ଦେଙ୍କ ସହ, ସ୍ୱପ୍ନେଶ୍ୱର ଦେବ, ରାଧାକାନ୍ତ ଠାକୁର, ଚୈତନ୍ୟ ଠାକୁର, ରସିକମୋହନ ଦେବ, ସୁଦର୍ଶନ ଠାକୁର, ପଥୁରିଆ ବାଲୁଙ୍କେଶ୍ୱର ଦେବ, ଉଦୟପୁର ବିଶ୍ୱନାଥ ଦେବ, ଯଦୁନାଥପୁର ଶାସନ ବାଲୁଙ୍କେଶ୍ୱର ଦେବ ଠାକୁର ସୁସଜ୍ଜିତ ବିମାନରେ ଯାତ୍ରାସ୍ଥଳରେ ପହଞ୍ଚିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ପ୍ରତ୍ୟହ ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ମହୋତ୍ସବ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପରିବେଷଣ କରାଯିବ ବୋଲି ଆୟୋଜକ ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି ।

## ପୂର୍ତ୍ତବିଭାଗ ବୁଲାଣି ରାସ୍ତାରେ ନାହିଁ ସୁରକ୍ଷା ବ୍ୟାଡ

# ଦୁର୍ଘଟଣାକୁ ଡାକୁଛି କୁମ୍ଭାରପଡାରୁ ଜାକଲା ପୂର୍ତ୍ତରାସ୍ତା

ଖଣ୍ଡପଡ଼ା, ୯ ।୩:(ମନ୍ଥନ)ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ପଞ୍ଚାୟତର ଜାକଲାରୁ ଗଣିଆକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତା ଏକପ୍ରକାର ସଂପୂର୍ଣ୍ଣ ହୋଇଥିଲେ ମଧ ବିଭିନ୍ନ ସ୍ଥାନରେ ସୁରକ୍ଷା ବାଡ ନିର୍ମାଣ ଦାବି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ପଞ୍ଚାୟତ ଅଧୀନ ଜାକେଲା ଠାରୁ ପଡୋଶୀ ଗଣିଆ। ବ୍ଲକକୁ ଏହି ରାସ୍ତା ସଂଯୋଗ କରୁଥିବା ବେଳେ ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡିରହିଥିଲା । ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ୨ ବର୍ଷ ତଳେ ପୂର୍ତ୍ତବିଭାଗ ଅଧୀନକୁ ଆସିଥିଲା । ଫଳରେ ପ୍ରାୟ ୯ କିମି ବିଶିଷ୍ଟ ଏହି ରାସ୍ତାକୁ ପ୍ରଶସ୍ତିକରଣ ଓ ଉନ୍ନତିକରଣ ନିମନ୍ତେ ବାଟ ଫିଟିଥିଲା । ଏଥିନିମନ୍ତେ ଦଶପଲ୍ଲା ପୂର୍ତ୍ତବିଭାଗ ଡିଭିଜନ ପକ୍ଷରୁ ପ୍ରାୟ ୧୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅଟକଳରେ ୨୦୨୪ ନଭେମ୍ବରମାସରୁ କାମ ଆରମ୍ଭ ହୋଇଥିଲା । ମାତ୍ର କାମ ସାରିବାକୁ ଠିକା ସଂସ୍ଥା ପକ୍ଷରୁ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା। ତେବେ କୁମ୍ଭାରପଡ଼ା ପଞ୍ଚାୟତ ଅଫିସ ଠାରୁ ରୟତ ଢୋଲମରା ସଂଯୋଗ ରାସ୍ତାର ଦକ୍ଷିଣ ପାର୍ଶ୍ୱ ଏବେ ଚିନ୍ତା ବଢାଇଛି । ରାସ୍ତା ପାର୍ଶ୍ୱରେ ପ୍ରାୟ ୧୦ ଫୁଟ ତଳେ ପୋଖରୀ ଥିବାବେଳେ ବୁଲାଣି ରାସ୍ତାରେ ଭାରସ୍ୟାମ ହରାଇଲେ ଅଘଟଣ ନିଶ୍ଚିତ ବୋଲି ସ୍ଥାନୀୟ ଗ୍ରାମବାସୀ କୁହନ୍ତି । ପୂର୍ବରୁ ଏକାଧିକ ଥର ଉକ୍ତ ସ୍ଥାନରେ ଅଘଟଣ ଘଟିବା ସହିତ ପଥଚାରୀ ଲହୁଲୁହାଣ




ହୋଇଥିବା ବେଳେ ଏବେ ରାସ୍ତା ସଂପ୍ରସାରଣ ପରେ ସମାନ ସ୍ଥିତି । ଅନ୍ୟପକ୍ଷରେ ସୁରକ୍ଷା ବାଡ ନିର୍ମାଣ ନିମନ୍ତେ ଗ୍ରାମବାସୀ ଦାବି କରିଆସୁଥିଲେ ମଧ ପୂର୍ତ୍ତବିଭାଗ ଆଖି ବୁଜିଦେଇଛି । ବିଭାଗ ପକ୍ଷରୁ ସୁରକ୍ଷା ବାଡ ବଦଳରେ ସିମେଣ୍ଟ ଖୁଣ୍ଟ ପୋତିବା ନିମନ୍ତେ ପଦକ୍ଷେପନିଆଯିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏ ନେଇଯୁବନେତା ସତିକାନ୍ତ ସାହୁ ଏହାକୁ ବିରୋଧ କରିବା ସହିତ ଲୁହାର ସୁରକ୍ଷା ବାଡ (କ୍ରାଶ ବେରିୟର) ଲଗାଇବା ନିମନ୍ତେ ଦାବି କରିଛନ୍ତି । ସମାନ ଭାବେ ଠିକା ସଂସ୍ଥା ପକ୍ଷରୁ କୁମ୍ଭାରପଡା ଗ୍ରାମର ଫାଳିକିଆ। ସାହି ଠାରୁ ମେଡିକାଲ ପର୍ଯ୍ୟନ୍ତ ରାସ୍ତା ଆଜି ଯାଏଁ ସଂପୂର୍ଣ୍ଣ ହୋଇପାରିନଥିବା ସ୍ଥାନୀୟବାସିନ୍ଦା କହିଛନ୍ତି । ସେହିପରି କୁମ୍ଭାରପଡା ଗୋଡିସାହି ଠାରୁ ଅନୁସୂଚିତ ସାହି, ବଡସାହିଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଡ୍ରେନ ନିର୍ମାଣ ହୋଇନଥିବା ଅଭିଯୋଗ ହୋଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କିଛି ମାସ ତଳେ ଉକ୍ତ ୯ କିମି ରାସ୍ତାର ଉଭୟ ପାର୍ଶ୍ୱବୁଲାଣି ରାସ୍ତାରେ ଲାଗିଥିବା ସୁରକ୍ଷା ଖୁଣ୍ଟ ଗୁଡିକୁ ଉପାଡି ଦିଆଯାଇ ରାସ୍ତା କଡରେ ଥାକ ମରାଯିବାକୁ ନେଇ ବିବାଦ ଉପୁଜିଥିଲା । ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ପଞ୍ଚୁଦୋଳ ମେଳଣ ଜମାଣ ଉତ୍ସବରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ : ମୁମୂର୍ଷୁ ଯୁବକଙ୍କୁ ଉଦ୍ଧାର କଲା ପୋଲିସ ।

ବଳଙ୍ଗା, ୯ ।୩:(ମନ୍ଥନ)ବଳଙ୍ଗା ମେଳଣର ଜମାଣ ଉତ୍ସବରେ ପ୍ରବଳ ଜନଗହଳି , ବ୍ୟାପକ ଆଲୋକମାଳା ତଥା ପୋଲିସର ସୁରକ୍ଷା ବ୍ୟବସ୍ଥା ଥିବାବେଳେ ଏହାକୁ ଚ୍ୟାଲେକରି ଜଣେ ଯୁବକକୁ ମରଣା'କ ଆକ୍ରମଣ କରିବା ଘଟଣା ଏବେ ପୋଲିସର କାର୍ଯ୍ୟ ଦକ୍ଷତାକୁ ସାଧାରଣରେ ଆଲୋଚନା ଚାଲିଛି । ରକ୍ତାକ୍ତ ମୁମୁର୍ଷୁ ଯୁବକଙ୍କୁ ପୋଲିସ ଉଦ୍ଧାରକରି ଚିକିତ୍ସାନିମ' ଡାକ୍ତରଖାନା ରେ ଭର୍ତ୍ତି କରିଛି । ସୋମବାର ବିଳମ୍ବିତ ରାତିରେ ଠାକୁରମାନେ ମେଳଣକୁ ବିରାଜମାନ କରୁଥିବାବେଳେ ରେସିଙ୍ଗା ଗ୍ରାମର ସୌମ୍ୟରଂନ ଖୁଣ୍ଟିଆ ସାଙ୍ଗମାନଙ୍କ ସହ ମେଳଣରେ ବୁଲୁଥିଲେ । ଏହି ସମୟରେ କେତେକ ଦୁର୍ବୃତ୍ତ ସୌମ୍ୟରଂନ ଙ୍କୁ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ସୌମ୍ୟରଂନଙ୍କ ବାପା ଅଶୋକ ଖୁଣ୍ଟିଆ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଘଟଣାପରେ ପୋଲିସ ୨ଜଣଙ୍କୁ ଅଟକ ରଖିଥିବା କୁହାଯାଉଛି । ତେବେ ମେଳଣରେ କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ଉଦ୍ୟମକୁ ଦୃଢ ହସ୍ତରେ ଦମନ କରାଯିବ ବୋଲି ବଳଙ୍ଗା ଥାନା ଆଇ.ଆଇ.ସି ସସ୍ମିତା ସାହୁ କହିଛନ୍ତି ।

# ରାମଣ୍ଡା ଗ୍ରାମରେ ଶ୍ରୀ ଗଣେଶ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ବୁଗୁଡ଼ା, ୯ ।୩:(ମନ୍ଥନ)ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ରାମଣ୍ଡା ଗ୍ରାମରେ ଶ୍ରୀ ଗଣେଶ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଅବସରରେ କଳସ ଯାତ୍ରା, ଅଙ୍କୁରାରୋପଣ ମଣ୍ଡଳ କରଣ ଅଧିବାସ, ଦେବତା ଆମନ୍ତ୍ରଣ, ଅଗ୍ନିସ୍ଥାପନ, ବିଗ୍ରହ ଗର୍ଭଧାନ, ମନ୍ଦିର ରତ୍ନମୁଦ, ସୂର୍ଯ୍ୟପୂଜା, ଗୋପୂଜା, ଦେବତା ମହାସ୍ନାନ, ବିଗ୍ରହ ଜୀବନ୍ୟାସ, ସିଂହାସନ ଆରୋହଣ ଆଦି କାର୍ଯ୍ୟକ୍ରମ ସାଙ୍ଗକୁ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଗୋଯଜ୍ଞ ଓ ଜପଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାମଯଜ୍ଞରେ ଗରେଇଝୁଲି, ଭାମଶ୍ୟାଳି, ଆଦିପୁର, ବୁଗୁଡ଼ା, ରାମଣ୍ଡା ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରମୋଦ ପାଢୟୋଶୀ, ମାଧବ



ଦାଶ, ଆଲୋକ ପାଢୟୋଶୀ, ଦେବାଶିଷ ଦାଶ, ରାଜେଶ ମିଶ୍ର ପ୍ରମୁଖ ପ୍ରଚାରକ ଓ ପଣ୍ଡିତଗଣଙ୍କ ଦ୍ୱାରା ବୈଦିକ କର୍ମାନୁସାରେ ପ୍ରତିଷ୍ଠା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ମହୋତ୍ସବର ଅନ୍ତିମ ଦିବସରେ ନାମଯଜ୍ଞ ସମାପନ, ଦଧିଭାଣ୍ଡ ଭଞ୍ଜନ, ନଗର ଭ୍ରମଣ ଓ ଯମୁନା ସ୍ନାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାମଣ୍ଡା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ।

# ବିଶିଷ୍ଟ ସମାଜ ସେବୀ ଜଗନ୍ନାଥ ମହାପାତ୍ର ଙ୍କ ୯୪ ବର୍ଷରେ ପରଲୋକ

ବଡ଼ଚଣା ,୯ ।୩:(ମନ୍ଥନ)ବଡ଼ଚଣା ବ୍ଲକ ଅଧିନ ଖଡ଼ିଅଙ୍ଗ ଗ୍ରାମର ବରିଷ୍ଠ ସମାଜ ସେବୀ ତଥା ଜଗା ସାଆନ୍ତ ନାମରେ ପରିଚିତ ଜଗନ୍ନାଥ ମହାପାତ୍ର ଙ୍କ ୯୪ ବର୍ଷରେ ପରଲୋକ ହୋଇ ଯାଇଛି । ବାର୍ଦ୍ଧକ୍ୟ ଜନିତ ପରିଣତ ବୟସରେ ଖଡ଼ି ଅଙ୍ଗ ଗ୍ରାମ ତାଙ୍କ ବାସ ଭବନରେ ସ୍ୱର୍ଗତ ମହାପାତ୍ର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେୟ ଶେଷ ଶଯ୍ୟା ନିକଟରେ ପୁଅ ଜୀବନାନନ୍ଦ ମହାପାତ୍ର, ବୋହୂ, ଝିଅ ଜ୍ୟାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ । ଶେଷ ନିଃଶ୍ୱାସ ତ୍ୟାଗ ଖବର ପାଇ ନାତି ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ସୀତାକାନ୍ତ ମହାପାତ୍ର , ବିଧାୟକ ଅମର କୁମାର ନାୟକ , ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ,କ୍ୟାପେଟେନ ରାଜ ନାରାୟଣ ମହାପାତ୍ର ଙ୍କ ସରପଞ୍ଚ ସମରେନ୍ଦ୍ର ମହାପାତ୍ର , ଚିତ୍ତରଞ୍ଜନ ମହାପାତ୍ର , ପୂର୍ବତନ ସମିତି ସଭ୍ୟା ମଇନା ରାୟ ସମିତି ସଭ୍ୟ ବାନାମ୍ବର ଲେଙ୍କା ,ବାବୁ ସ୍ୱାଇଁ ,ସର୍ବେଶ୍ୱର ମହାପାତ୍ର ,ଦୈତାରୀ ଦାସ , ଯୁବ ସମାଜ ସେବୀ ମହେଶ୍ୱର ପରିଡା , ରମେଶ ଚନ୍ଦ୍ର ଗଡ଼ନାୟକ,ପରୀକ୍ଷିତ ବେହେରା, ପ୍ରଦୀପ୍ତ ବେହେରା ନିହାର ପ୍ରସାଦ ମହାପାତ୍ର, ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ପାର୍ଥିବ ଶରୀରକୁ ଗାଁ ଶ୍ମଶାନରେ ଶେଷ କୃତ୍ୟ ହୋଇଥିବା ବେଳେ ବଡ଼ପୁଅ ଜୀବନାନନ୍ଦ ମୁଖାଗ୍ନି ଦେଇ ଥିଲେ । ସ୍ୱର୍ଗତ ଜଗନ୍ନାଥ ମହାପାତ୍ର ଜଣେ ଅମାୟିକ ଓ ବିଶିଷ୍ଟ ବ୍ୟକ୍ତିତ୍ୱ ଥିଲେ, ସମଗ୍ର ବଡଚଣା ସମେତ ବାଲିଚନ୍ଦ୍ର ପୁର ଅଞ୍ଚଳରେ ଜଣାଶୁଣା ସମାଜସେବୀ ଓ ମୂରବୀ କୁ ହରାଇ ଥିବା ବେଳେ ଗଭୀର ଶୋକ ଖେଳି ଯାଇଛି ।

# ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, ୯ ।୩:(ମନ୍ଥନ)ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୧୧୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧୧ ଟି, ଆବାସ ଯୋଜନା ସମ୍ପର୍କୀୟ ୨୫ ଟି,ଜମିଜମା ସମସ୍ୟା ସମ୍ପର୍କୀୟ ୨୩ ଟି, ଭତ୍ତା ପାଇବା ପାଇଁ ୮ ଟି,ପୋଲିସ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକ ତହସିଲଦାର, ତିର୍ତ୍ତୋଲ , ଶ୍ରୀ ମହେଶ୍ୱର ବେହେରା,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ତିର୍ତ୍ତୋଲ ବ୍ଲକ ର ନୂତନ ସମ୍ମିଳନୀ କକ୍ଷ ଉଦ୍‌ଘାଟନ କରାଯାଇଥିଲା ।

# କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା, ୯ ।୩:(ମନ୍ଥନ)ସାଧାରଣ ଲୋକଙ୍କ ଅଭିଯୋଗ ଗୁଡିକର ଶୀଘ୍ର ସମାଧାନ ଓ ଶାସନ ସେବାକୁ ଗ୍ରାମସ୍ତରରେ ସୁଦୃଢ଼ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୧୧. ୦୩. ୨୦୨୬ (ବୁଧବାର) ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକେ ନିଜର ଅଭିଯୋଗ ଗୁଡିକୁ ସିଧାସଳଖ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିପାରିବେ ଓ ବିଭିନ୍ନ ସରକାରୀ ଯୋଜନା ତଥା ସେବା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇପାରିବେ। ଏଠାରେ ସୂଚନା ଯୋଗ୍ୟ ଯେ ଆଳି ବ୍ଲକର ପଦାନିପାଳ, ରାଜନଗର ବ୍ଲକର ତାଳଚୁଆ, ରାଜକନିକା ବ୍ଲକର କଣ୍ଟାପଡ଼ା, ପଟ୍ଟାମୁଣ୍ଡାଇ ବ୍ଲକର ପେଣ୍ଠପାଳ,ମହାକାଳପଡ଼ା ବ୍ଲକର ସୁନିତି, ମାର୍ଶାଘାଇ ବ୍ଲକର ଦସିପୁର, ଗରଦପୁର ବ୍ଲକର ପଦ୍ମପୁର, ଡେରାବିଶ ବ୍ଲକର ବାରିମୂଳ, କେନ୍ଦ୍ରାପଡ଼ା ବ୍ଲକର କୁତରଙ୍ଗ ପଞ୍ଚାୟତରେ ଅନୁଷ୍ଠିତ ହେବ ଉକ୍ତ କାର୍ଯ୍ୟକ୍ରମରେ ସମ୍ପର୍କିତ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣି ତାହାର ଆବଶ୍ୟକ ସମାଧାନ କରିବେ। ତେଣୁ ଏସମ୍ପର୍କରେ ଗ୍ରାମ ପଞ୍ଚାୟତର ସାଧାରଣ ଜନତାଙ୍କୁ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର ଅଭିଯୋଗ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି।

ମଙ୍ଗଳବାର ୧୦ ମାର୍ଚ୍ଚ, ୨୦୨୬ ଭୁବନେଶ୍ୱର
TUESDAY, 10 MARCH, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ତାପମାତ୍ରା ବୃଦ୍ଧିର ଚେତାବନୀ

ଚଳିତ ବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। କେବଳ ଏତିକି ନୁହେଁ, ଆଗକୁ ପରିସ୍ଥିତି କଣ ହେବ, ତାହାର ଏହା ଏକ ପ୍ରାକ୍ ସୂଚନା। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତରଭାରତୀୟ ଅଂଚଳରେ ଦିନର ତାପମାତ୍ରା ୩୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ। ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ଡିଗ୍ରୀ ଅଧିକ। ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆମ ରାଜ୍ୟର ଝାରସୁଗୁଡା ଅଂଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଁଚି ସାରିଲାଣି। ସୂଚନାଯୋଗ୍ୟ ଯେ, ଗତବର୍ଷ ଝାରସୁଗୁଡାର ତାପମାତ୍ରା ଦେଶରେ ରେକର୍ଡ ସୃଷ୍ଟି ଥିଲା। ଗ୍ରୀଷ୍ମ ଅବଧିରେ ଝାରସୁଗୁଡାର ଦୈନିକ ତାପମାତ୍ରା ହାରାହାରୀ ୪୨ଡିଗ୍ରୀ ଉପରେ ରହିଥିଲା। ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ୧୯୮୦ ପରଠାରୁ ଦେଶରେ ହିଟୱେଭ୍ ସଂଖ୍ୟା ଦୁଇଗୁଣ କିମ୍ବା ତାଠାରୁ ଅଧିକ ହୋଇଛି। ସେହିପରି ଦେଶରେ ଅସହ୍ୟ ହିଟୱେଭ୍ ପ୍ରଭାବରେ ଅଂଶୁଘାତ ଜନିତ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱ ତାପମାତ୍ରା ବୃଦ୍ଧି, କୋଇଲା, ଡିଜେଲ, ପେଟ୍ରୋଲ ଆଦି ଇନ୍ଧନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଦ୍ରୁତ ସହରୀକରଣ, ଆଖିବୁଜା ଗଛକଟା, ଜଙ୍ଗଲପୋଡି, ବ୍ୟାପକ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ସବୁଜ ବଳୟ ପରିସର ପ୍ରତିବର୍ଷ ସଂକୁଚିତ ହେବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଚାପ ବୃଦ୍ଧି ଅସହ୍ୟ ଗ୍ରୀଷ୍ମ ପ୍ରବାହର କାରଣ ବୋଲି କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଦୀର୍ଘ ଅବଧି ଧରି ଦେଶରେ ଶୀତର ଲହରି ପରେ ଗ୍ରୀଷ୍ମ ଏବେ ହଠାତ୍ ତାପମାତ୍ରା ବୃଦ୍ଧି ଜଳବାୟୁ ଢାଂଚାରେ ଏକ ନିର୍ଦ୍ଦିଷ୍ଟ ପରିବର୍ତନ ସଂକେତ ପ୍ରଦାନ କରେ। କହିବା ବାହୁଲ୍ୟ ଯେ, ବସନ୍ତ ଋତୁ ଉଭାନ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି। ଯାହାକି ଆଂଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତନର ସନ୍ଦେଶ ପ୍ରଦାନ କରେ। ଏଭଳି ଜଳବାୟୁ ପରିବର୍ତନଶୀଳତାର ପ୍ରଭାବ ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଛି। କେବଳ ଜୀବନ, ଜୀବିକା ନୁହେଁ, ଦେଶର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ କୃଷି କ୍ଷେତ୍ର ପାଇଁ ଉଦ୍‌ବେଗର କାରଣ ଭାବେ ଉଭା ହୋଇଛି। ୨୦୧୧ରେ ମାର୍ଚ୍ଚ-ଏପ୍ରିଲରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ବୋଧହୁଏ କେହି ଏହା ପାଶୋରି ନଥିବେ। ଜଳବାୟୁ ପରିବର୍ତନ ପ୍ରଭାବରେ ଦେଶରେ ସେଓ ଚାଷ ସହ ଫଳ ଓ ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। କହିବା ବାହୁଲ୍ୟ ଯେ, ଜଳବାୟୁ ପରିବର୍ତନ ଏକ ଆକସ୍ମିକ ପ୍ରବାହ ନୁହେଁ। ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ହେବ। ଅନ୍ୟଥା ଦେଶ ଗୁରୁତର ଖାଦ୍ୟ ସଂକଟର ସମ୍ମୁଖୀନ ହୋଇପାରେ। ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଂକଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି। ତେବେ କେବଳ ଖାଦ୍ୟ ସଂକଟ ନୁହେଁ, ଉକ୍ତ ପାନୀୟ ଜଳ ସଂକଟକୁ ମଧ୍ୟ ଏଡାଇ ଦିଆଯାଇନପାରେ। ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଉପକୂଳ, ସମତଳ, ଅଂଚଳ ଠାରୁ ଆରମ୍ଭ କରି ଦୁର୍ଗମ ପାହାଡିଆ ଅଂଚଳ ସବୁଠାରେ ଉକ୍ତ ପାନୀୟ ଜଳ ସଂକଟର ଧ୍ୱନୀ ଶୁଣାଯାଏ। କୁଅ ପୋଖରୀ ଶୁଖିଯିବା ସହ ଭୂତଳ ଜଳ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଯାହାକି ଏବେ ଚିନ୍ତାର କାରଣ। ସେହିପରି ବିଦ୍ୟୁତ ସଂକଟ ମଧ୍ୟ ଦେଖାଯାଏ। ବିଦ୍ୟୁତ ଓ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଜରୁରୀ। ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟଏ ଦେଶର ସମସ୍ୟା ନୁହେଁ, ଏହା ଏକ ବୈଶ୍ୱିକ ସମସ୍ୟା। ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ବୈଶ୍ୱିକ ତାପମାତ୍ରାକୁ ଆହୁରି ପ୍ରଜ୍ୱଳିତ କରିବା ଖୋରାକ୍ ଯୋଗାଇଛି ବୋଲି କହିଲେ ଭୁଲ ହୋଇନପାରେ। ତେଣୁ ବେଳହୁଁ ସାବଧାନ ନହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନକଲେ, ଧ୍ୱଂସ ହି ସାର ହେବ।

# କାଳର ଗତି ରାଜା ରଙ୍କ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

କାଳ ଅର୍ଥ ସମୟ, ଅଛିଣ୍ଡା ପରିକ୍ରମା ମାର୍ଗରେ ସ୍ଥିର ରହିଛି ରାଶି ନକ୍ଷତ୍ର। ଏହାରି ଉପରେ ଗ୍ରହଙ୍କ ଗତିକୁ ପୃଥିବୀର ନିଜ ଅକ୍ଷ ପରିକ୍ରମଣକୁ ସବୁ ଗ୍ରହ ପରି ସୂର୍ଯ୍ୟଙ୍କୁ କକ୍ଷ ପରିକ୍ରମା ରାଶିଚକର କଟା ଏକ ଅଦ୍ଭୁତ କାଳଦର୍ଶକ। ରାଶି ବାର ହେଲେ ବି ଏମାନେ ଗୋଲକ ଧନ୍ଦାରେ ଏମିତିକା ବିଭାଗରେ ଏକ ଏକ ଜଡ଼ିତ ଏହାର ମର୍ମ ନ ଜାଣିଲେ ନାଚି ନଜାଣି ଅଗଣାର ଦୋଷ, ଦେବାକୁ ଅନେକ ବୟାନବାଜୀ କରନ୍ତି। ଅଗ୍ନି, ପୃଥ୍ୱି, ବାୟୁ ଓ ଜଳ ଏହାର ତ୍ରି ଆବୃତ୍ତି ବାର ରାଶିରେ ରହିଛି ସତେଯେମିତି ତିନି ତ୍ରିପାଠୀ, କୁ ମାନବ ସମାଜ ଚାଳକ ଚାରି ବର୍ଣ୍ଣ, ଗୀତା ବର୍ଣ୍ଣିତ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର। ସବୁ ଜଳ ରାଶି ବ୍ରାହ୍ମଣ ସବୁ ଅଗ୍ନି ରାଶି କ୍ଷତ୍ରୀୟ ସବୁ ପୃଥ୍ୱୀ ରାଶି ବୈଶ୍ୟ, ସବୁ ବାୟୁ ରାଶି ଶୁଦ୍ର। ଏତିକିରେ ଶେଷ ନୁହେଁ ତ୍ରିପାଠୀରେ ତିନି ପାଠ ଦର୍ଶାୟ ୪ ଚର ରାଶି ଅସ୍ଥିର ୪ ସ୍ଥିର ରାଶି ସ୍ଥିର, ୪ ଦ୍ୱିସ୍ୱ ରାଶି ଦ୍ୱିଗୁଣ ସମ୍ପନ୍ନ, ଗ୍ରହମାନେ ବନ୍ଧୁ ମିତ୍ର, ସମ, ପୁଣି ଶତ୍ରୁ ତ୍ରିଧାରେ ରହିବାବେଳେ ଆହୁରେ ନିୟମନାସ୍ତି ପରି କିଛି ସ୍ଥିତିରେ ଶତ୍ରୁ ମିତ୍ର ତତ୍କାଳୀନ ହୋଇପାରନ୍ତି ବାରାନ୍ତର ଅତି ଲାଗି ଶତ୍ରୁ, ମିତ୍ର ସମ ହୋଇପାରନ୍ତି ପୁଣି କିଂ କର୍ତ୍ତବ୍ୟ ବିମୁଢ଼ ହୋଇପାରନ୍ତି, ସାଧାରଣରେ ୫ମ ୯ମ ସମ୍ବନ୍ଧ, ୬ଷ୍ଠ ୮ମ ସମ୍ପର୍କ ୨ଗ୍ରହ ତତ୍କାଳୀନ ଶତ୍ରୁ ହୁଅନ୍ତି ଏମିତିକି କି ଏକ ଘରରେ ସ୍ଥିତି ଶତ୍ରୁତା କରାୟ। ଏହା ବାଦ ୪ର୍ଥ ୧୦ମ, ୩ୟ ୧୧ଶ, ଦ୍ୱିତୀୟ ଦ୍ୱାଦଶ ବନ୍ଧୁତ୍ୱ ଅର୍ଜନ କରନ୍ତି, ୭ମ ୭ମ ର ବିଚାର ଅତିଗହନ ସମ୍ବନ୍ଧ କାରଣ ସବୁଗ୍ରହଙ୍କ ଏକ ଦୃଷ୍ଟି ଚକ୍ର ଅଛି, ଏ ମଧ୍ୟରେ ସବୁ ଗ୍ରହ ନିଜସ୍ଥିତିରୁ ସ୍ୱ୭ମ ସ୍ଥାନକୁ ପୂର୍ଣ୍ଣ ଦୃଷ୍ଟି କରନ୍ତି।

ଶନି, ରାହୁ କେତୁ ମଙ୍ଗଳ ପାପସଙ୍ଗୀ ବୁଧ, କୃଷ୍ଣ ଅଷ୍ଟମୀରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଚନ୍ଦ୍ର ନୈସର୍ଗିକ ପାପ ଗ୍ରହ ଓ ୧୨ରାଶିରେ ହାରାହାରି ପ୍ରତି ଦୁଇ ଘଣ୍ଟାରେ ବଦଳୁଥିବା ଲଗ୍ନ, ୧୨ଲଗ୍ନ ପାଇଁ ସମିତି ପାପ, ଶୁଭ ସ୍ଥିତିନୁସାରେ ବା ଗୃହ ଅନୁସାରେ ହୁଅନ୍ତି। ଏକଘରେ ବା ରାଶିରେ ବୃହସ୍ପତି ହାରାହାରି ୧ ବର୍ଷ ରହନ୍ତି, ରାହୁ କେତୁ ପ୍ରାୟ ଦେଢ଼ ବର୍ଷ କରି ପରସ୍ପର ଠାରୁ ୬ ରାଶି ଦୂରରେ ରହନ୍ତି, ଶନି ପ୍ରାୟ ଅଢ଼େଇ ବର୍ଷ ରହନ୍ତି, ରବି ଏକ ବର୍ଷରେ ୧୨ଘର ଚନ୍ଦ୍ର ଏକମାସରେ ୧୨ଘର ଗତି କରନ୍ତି ରବିଙ୍କ ପାଖ ବୁଧ ଶୁକ୍ର ନଛାଡୁଥିବାରୁ ଏମାନେ ରବି ଆଗ ବା ପଛ ବା ରବି ସହ ଅନେକବେଳେ ରହନ୍ତି, ମଙ୍ଗଳ ହାରାହାରି ତିନିପକ୍ଷରେ ଏକ ଘର ଅଧିକାରୀରେ ୩୦ ଅଂଶ ଗତି କରନ୍ତି। ଏଇ ପରି ମୋଟାମୋଟି ଧାରାରେ ସମୟକୁ କଳ୍ପନା କରିବା ଜ୍ୟୋତିଷୀ ମାନଙ୍କର ଏକ ଧାରା। ଆକାଶର ଗ୍ରହ ମାନଙ୍କର ଗତିକୁ ଏକ ସ୍ଥିର ନିୟମରେ ଧାର୍ଯ୍ୟ ପାଇଁ ଅନେକ ପୂର୍ବେ ସୃଷ୍ଟିର ଆଦ୍ୟ ଦିନର ସ୍ଥିର କରି ସବୁଗ୍ରହଙ୍କର ଦୌଡ଼ ରାଶିଚକ୍ରର ଶୂନ ଅଂଶରୁ ଆରମ୍ଭ କରାଯାଇଛି, ସମସ୍ତ ଗ୍ରହଙ୍କ ଗତିବେଗ ତାହା ବି ଧାର୍ଯ୍ୟ ରଖାଯାଇଛି ଏହା କାହାସହ କାହାର ସମାନ ନୁହେଁ ଫଳରେ ଅନେକ ସଂସ୍କାର ଯୋଡ଼ିବା ଦରକାର ପଡ଼ିଥାଏ ଏ ପାଇଁ ଛେକ ରହୁଛି। ସବୁବେଳେ ପୂର୍ଣ୍ଣ ସଂଖ୍ୟା ସହ ଦଶମିକ ବିନ୍ଦୁ ପରି ଆଉକିଛି ଅଙ୍କ କେତେ ସ୍ଥାନ ଯାଏରହି ତାହା ଅନେକ ବର୍ଷ ପରେ ପୁଣି ଏକ ପୂର୍ଣ୍ଣ ସଂଖ୍ୟା ହୁଏ ଏହାର ଗାଣିତିକ ସଂସ୍କାର ଯେପରି ବର୍ଷକ ୩୬୫ ଦିନ ଧରାଗଲେବି ଏହା ୪ ବର୍ଷରେ ଏକ ଦିନ ବଢ଼ି ୩୬୬ ଦିନ ଗଣା ହେଉଛି, ଏହା ରାଶିଚକ୍ରରେ ରବି ଆବର୍ତ୍ତନ ଧରିଲେ ବି ପ୍ରକୃତରେ ଏହା ପୃଥିବୀର ବାର୍ଷିକ ଗତି ରବିଠାରୁ ୬ ରାଶି (୧୮୦ ଅଂଶ) ଯୋଗକଲେ ପୃଥିବୀ କେଉଁ ରାଶିରେ ଅଛନ୍ତି ଧରାପଡ଼େ।

ଏମିତିକା ସବୁ ଗ୍ରହଙ୍କ ପରିକ୍ରମାରେ ଗାଣିତିକ ସଂସ୍କାର ଅଛି ଓ ସବୁରେ ଦଶମିକ ବିନ୍ଦୁ ଯେତେବେଳେ ଏକ ସମୟରେ ପୂର୍ଣ୍ଣ ସଂଖ୍ୟା ଆସୁଛି ତାକୁ ଗଣିତବିତମାନେ ଯୁଗାଦି ଧରିଛନ୍ତି। ବର୍ତ୍ତମାନ ଗ୍ରହସ୍ଥିତି ବୁଧ ଗୃହରେ ମିଥୁନ, ବାୟୁ ରାଶିରେ ଶୁଦ୍ର ସମ୍ବନ୍ଧକୁ ରାହୁ, ଶନି ଗୃହ କୁମ୍ଭ ଶୁଦ୍ର ସମ୍ବନ୍ଧ। ପରସ୍ପର ବିପରୀତ ଗ୍ରହ ଏପରି ରହି ପବିତ୍ର ବ୍ରାହ୍ମଣ ରାଶି ମୀନରେ ଶୁଦ୍ର ଗ୍ରହ ଶନି ଏଣେ ଉଗ୍ର କ୍ରୁର କେତୁ ଅଗ୍ନୀ ବା କ୍ଷତ୍ରୀୟ ରାଶିରେ ତ୍ୱରିତ କ୍ରିୟାକାରୀ, ଶୁଦ୍ରମାନେ ଯେତେବେଳେ ପ୍ରବଳ ହେବେ ସେତେବେଳେ ମହାଗୋଳ ଲାଗିବ ହିଁ ଲାଗିବ, କାରଣ ସଂସାରରେ ସବୁଠାରୁ ଅଧିକ ସେବକ ଶୁଦ୍ର, ଜଙ୍ଗଲରେ ହରିଣ ସଂଖ୍ୟା ଅଧିକ ତୃଣାହାରୀମାନେ ଆହାର ଅନ୍ୱେଷଣ କାଳରେ ଏକ ଲୋଭାଶକ୍ତି ଚିନ୍ତାରେ ପାଖ ତୃଣହାରୀ ସହ ଲଢ଼ା ଲଢ଼ି ହୁଅନ୍ତି, ଏହି ପରିବେଶ ସଂସାରରେ ଏବେ ସେବକମାନେ ନିଜେ ବାହାଦୁରୀ ହାସଲ ପାଇଁ ନିଜ ଧନ ନୁହେଁ ରାଜଧନ (ଗଣତନ୍ତ୍ରରେ ପ୍ରଜାଙ୍କ ଧନ)ର ଦୁରୁପଯୋଗ କରିବା ଦେଖାଯାଉଛି। ବୃହସ୍ପତି ଶିକ୍ଷା ବିଭାଗର ମାଲିକ ଅଛନ୍ତି ବିଦ୍ୟାର୍ଥୀ ବୁଧଙ୍କ ଘରେ ତାଙ୍କ ଉପରେ ରାହୁଙ୍କ ଆଗରୁ ୯ଘର ପରେ ବୃହସ୍ପତି ଶିକ୍ଷା ବିଭାଗରେ ହଇଚଇ ସୃଷ୍ଟି ଏହି ଗ୍ରହ ସଯୋଗ କରାଉଛି। ରାହୁ କାଳ ଅଘାସୁର ବା ମହା ଅଜଗର ସର୍ପ, ତାର ମୁଖ ପଟଦେଇ ସବୁଗ୍ରହ ଯଦି କେତୁ ମଧ୍ୟରେ ଆସିଯିବେ ତେବେ ଅନ୍ତତଃ ୫/୬ ମାସ ଦାରୁଣ ସମୟ ସର୍ପ ମୁଖରେ ବିଷ, ଏ ବଷରେ ସମୟ ଭୋଗ ପୃଥି ପାଇଁ ଭୀଷଣ ଭୟାନକ ହୋଇପାରେ। ଯେତେବେଳେ ଅଘାସୁର ହାବୁଡ଼ରେ ଗୋପାଳ ବାଳକମାନେ ପଡ଼ିଥିଲେ ଗୋପୀଜନବଲ୍ଲଭ ଶ୍ରୀକୃଷ୍ଣ ରକ୍ଷା କରିଥିଲେ, ଏତ ଆମ ମାନଙ୍କ ରକ୍ଷା କର୍ତ୍ତା ଏ ସମୟରେ ଠାକୁର ଜଗନ୍ନାଥ, ଏହାଙ୍କ ଉପସନା ତୁରନ୍ତ ସମସ୍ତ ଜନ ଏକ ମନରେ ନକଲେ ଏ କାଳ ସର୍ବ ଗିଳି ଦେବ। ଏହା ଆଗାମୀ ଛଅ ମାସ ଦୋଳ ପୂର୍ଣ୍ଣିମାରୁ ଜୋର ଅନୁଭବକୁ ଆସିଯିବ। ରାଜଶକ୍ତି ମଧ୍ୟରେ ଲଢ଼ା ଲଢ଼ି କେବେ ବି ପ୍ରଜାଙ୍କୁ ମଙ୍ଗଳ ନୁହେଁ କି ମାୟା କରି ରାଜପଦକୁ ଆସିବା କାହାରି ମଙ୍ଗଳ ନୁହେଁ। ସମୟ ହିଁ ସବୁ କରାଉଛି, ଉପଭୋକ୍ତା ଆମ ଜନତା।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ମା'ର ସ୍ନେହ : ନାରୀର ସଂସାର ଅସାର

**ଡ଼ଃ.ଅରୁନ୍ଧତୀ ଦେବୀ**

ଯାହାର ବ୍ୟକ୍ତିତ୍ୱ ନିଷ୍ପେସିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ । ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ । ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ, ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୂଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତାର ମହାନତା । ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ନାରୀ ବିନା ସୃଷ୍ଟ ଯେ ଅସମ୍ଭବ । ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ସାମ୍, ସ୍ତ୍ରୀ ଋକ୍ । ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ । ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗୀନ, କ୍ରୀଡ଼ାନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି । ଏହି ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାହେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ଦୁର୍ଦ୍ଦମନୀୟା ମହାକାଳି, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ ।



ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି। ମାଆ ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତୀତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଲକ୍ଷ। ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ। ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା। ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି। ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ। ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା। ଆର୍ଥିକ ଅବସ୍ଥା ଭଲ ନଥାଏ। ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ। ପୁଅଟି ଭଲ ପାଠ ପଢୁଥାଏ। ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା କାଣୀ। ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ। ପୁଅକୁ ଖରାପ ଲାଗିଲା। ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି। ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ। ମା'ର ପରିଚୟ ଠାରୁ ଦୂରେଇ ଯିବ। ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା। ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ। ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା। ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି। ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା। ପଚାରି ପଚାରି ଗଲା। ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା। କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା। କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି। ଏ ଭିତରେ କିଛି ମାସ ଚାଲିଗଲା। କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ। କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି। ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି। ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ। ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ। ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ।' ବିଶ୍ୱ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣକୁ ସମ୍ମାନ ଓ ନିଜ ମାଆ ମାନଙ୍କ ପ୍ରତି କର୍ତ୍ତବ୍ୟର ଦିଗଟିକୁ ଅନୁଚିନ୍ତନକଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ରହିବ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# କାମ, କୋଧ, ଅହଂକାର, ଅସତ୍ୟ ଓ ଅଧର୍ମର ବିନାଶର ତିଥି ହିଁ ପଞ୍ଚୁଦୋଳ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଶ୍ରୀପଞ୍ଚମୀ ଅବସରରେ ହିଁ ପ୍ରେମର ପ୍ରତୀକ ଅବିର ଖେଳର ଆୟମାରମ୍ଭ ହୋଇଥାଏ। ଏହି ପର୍ବର ଅନ୍ତିମ ତିଥି ହେଉଛି ପଞ୍ଚୁଦୋଳ। ଦୋଳ ପୂର୍ଣ୍ଣିମାରୁ ପାଞ୍ଚଦିନ ପରେ ହିଁ ଏହି ତିଥି ପଡ଼ିଥାଏ। ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପରେ ଏହି ତିଥି ପଡୁଥିବାରୁ ଏହାକୁ ପଞ୍ଚୁଦୋଳ କୁହନ୍ତି। ଏହି ତିଥିକୁ ନେଇ ପୌରାଣିକ କଥାବସ୍ତୁ ସେପରି କିଛି ନାହିଁ; ତଥାପି ଓଡ଼ିଶାର ଜନଜୀବନରେ ଏହି ପର୍ବ ବେଶ୍ ପ୍ରଭାବ ବିସ୍ତାର କରିଛି। କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ଏପରିକି ସାରା ବିଶ୍ୱରେ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ଲୀଳା ପ୍ରଚଳିତ ଅଛି। ରୂପ ଓ ରସର ଏହା ଅପୂର୍ବ ଲୀଳା। ସମଗ୍ର ମାନବୀୟ ଚିନ୍ତାଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଛି। ହୋଲି ବା ଦୋଳ ଉତ୍ସବ ହେଉଛି ବିଜୟର ପର୍ବ। ଅଜ୍ଞାନ ଅନ୍ଧକାରକୁ ଦୂରେଇ ଆଲୋକ ଓ ଆନନ୍ଦକୁ ଆହ୍ୱାନ କରିବା ହେଉଛି ଏ ପର୍ବର ମୁଖ୍ୟ ଆଧାର। ଏହି ପର୍ବ ଉତ୍ତର ଫାଲ୍‌ଗୁନୀ କ୍ଷେତ୍ରାରାଶି ପୂର୍ଣ୍ଣିମା ତିଥିରେ ହିଁ ଅନୁଷ୍ଠିତ ହୋଇଥାଲ। ଫାଲ୍‌ଗୁନ ପୂର୍ଣ୍ଣିମାର ପୂର୍ବରାତ୍ରିରେ ମେଢ଼ାସୁର ଏବଂ ହୋଲିକା ରାକ୍ଷସିକୁ ବଧ କରି ସେମାନଙ୍କ ମର ଦେହକୁ ନିଆଁରେ ଭସ୍ମ କରିବା ପାଇଁ ଅଗ୍ନି ଉତ୍ସବର ଆୟୋଜନ କରିଥିଲେ। ଏହି ଅଗ୍ନିର ଚତୁଃପାର୍ଶ୍ୱ ପ୍ରଦକ୍ଷଣ କରି ବ୍ରଜବାସୀଗଣ ଆନନ୍ଦରେ ବିଭୋର ହୋଇ ଅବିର ଖେଳରେ ମଜ୍ଜି ଯାଇଥିଲେ। ଶତ୍ରୁ ନିପାତର ଆନନ୍ଦରେ ପାଞ୍ଚଦିନ ବ୍ୟାପି ଏହି ପର୍ବ ପାଳନ କରିଥିଲେ। ବାଳୁତ କୃଷ୍ଣଙ୍କୁ ଦୋଳିରେ ବସାଇ ଦୋଳ ଉତ୍ସବ ବନାସିଥିଲେ। ପ୍ରେମମୟୀ ରାଧା ବିଭିନ୍ନ ରଙ୍ଗ ଅବିର ଧରି ଗୋପ ଗୋପାଳୁଣୀଙ୍କ ସହ ଦିବ୍ୟ ଆନନ୍ଦରେ ବିଭୋର ହୋଇ ଉଠିଥିଲେ। ଏହି ଗୌରବ ମହାଆନନ୍ଦର ସ୍ମୃତିକୁ ସମଗ୍ର ବିଶ୍ୱ ମାନବଙ୍କ ପାଖରେ ପହଞ୍ଚାଇବା ପାଇଁ ହିଁ ଦୋଳ ଉତ୍ସବର ସୃଷ୍ଟି।

ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି - ଏକ ଜ୍ୟୋତ୍ସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଳିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ। ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍ଟ୍ରନର ଆବର୍ତ୍ତନ। ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ - ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି। ଏକ ଏଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଭଳି ସେହି ଏଟମ୍‌କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଳିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ। ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ ହିଁ ରାସଲୀଳା। ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ। ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି। ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ। ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ ଚାହାଁନ୍ତି ନାହିଁ - ବୃନ୍ଦାବନଂ ପରିତ୍ୟଜ୍ୟ ପାଦମେକଂ ନ ଗଚ୍ଛାମି। କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ। ଏହି ପ୍ରସଙ୍ଗରେ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ। ବୃନ୍ଦ ମାନେ ସମୂହ - ବିଶ୍ୱଜଗତର ସବୁକିଛି। ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା। ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି। ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ। ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି। ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ।

ଏହି ପର୍ବ ଦୀର୍ଘ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହୁଏ। ଏହାକୁ ପଞ୍ଚୁଦୋଳ କୁହନ୍ତି। ଫଗୁ ଦଶମୀ ତିଥିରୁ ପ୍ରେମ ପୁରୁଷ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ବିମାନରେ ବସି ଚାଚେରୀ ଭୋଗ ବା ଦ୍ୱାରୀ ଭୋଗ ଖାଇବାକୁ ବାହାରନ୍ତି। ଏହି ପଞ୍ଚୁ ଦୋଳରେ ସମାପ୍ତ ହୁଏ। ଏହି ଦଶଦିନ ବ୍ୟାପୀ ଯାତ୍ରା କେବଳ ବିଶ୍ୱାସ, ଭରସା, ସ୍ନେହ ଓ ଶ୍ରଦ୍ଧାର ଯାତ୍ରା ଭାବରେ ପ୍ରତିଟି ମଣିଷର ହୃଦୟରେ ଅନୁରଞ୍ଜିତ ହୋଇଥାଏ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଗଭୀର ବିଶ୍ୱାସ ଏଇଠି ପ୍ରକଟିତ ହୁଏ। ପ୍ରତିଟି ସଞ୍ଜରେ ଖୋଳ, ତାଳ, କାହାଳୀର ଶବ୍ଦରେ ଗାଆଁଠୁ ସହର ମୁଖର ହୋଇଉଠେ। ମୁଠାମୁଠା ଅବିର ସମଗ୍ର ପରିବେଶକୁ ଅବିରମୟ କରିଦିଏ। ପ୍ରଭୁଙ୍କର ଏଇ ଭୋଗଖିଆ ପର୍ବ ଭକ୍ତଜନଙ୍କୁ ବିଭୋର କରେ। ପ୍ରତ୍ୟେକ ଦ୍ୱାର ଅଗଣାରେ ଭକ୍ତଜନ ଗୋମୟ ଲେପନ କରି ଚିତା ପକାଇ କଳସ ସ୍ଥାପନ କରି ଭୋଗ ନୈବେଦ୍ୟ ଧରି ଅପେକ୍ଷା କରିଥାଆନ୍ତି ବିମାନକୁ। ଏଇ ପ୍ରତୀକ୍ଷାର ପର୍ବ ପଞ୍ଚୁଦୋଳ ପର୍ଯ୍ୟନ୍ତ ଚାଲେ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅପୂର୍ବ ସଂଯୋଗ ଥାଏ ଏହି ପଞ୍ଚୁଦୋଳ ପର୍ଯ୍ୟନ୍ତ। ଓଡ଼ିଶାରେ ପାଳିତ ହେଉଥିବା ପ୍ରତ୍ୟେକ ପର୍ବପର୍ବାଣୀରେ ସାମାଜିକତା ବେଶ ସ୍ପଷ୍ଟ ହୋଇଉଠେ। ପ୍ରେମ ଓ ବିଶ୍ୱାସଭାବ ଓ ସାମାଜିକ ସଦ୍‌ଭାବନା ବୃଦ୍ଧି ପାଇଁ ହିଁ ହୋଲି ପର୍ବର ସୃଷ୍ଟି। ନିଜେ ଆନନ୍ଦିତ ହେବା ସହ ଅନ୍ୟକୁ ଆନନ୍ଦ ପ୍ରଦାନ କରିବା ହିଁ ଏ ପର୍ବର ମୂଳ ଉଦ୍ଦେଶ୍ୟ। ରଙ୍ଗର ପସରା ନେଇ ହୋଲି ସାମାଜିକ ଜୀବନଧାରାକୁ ବେଶ ଆନନ୍ଦ ମୁଖର କରେ। ସେଇଥି ପାଇଁ ଏହି ପର୍ବ ପାଞ୍ଚ ଦିନ ଧରି ସମଗ୍ର ଭାରତବର୍ଷର କୋଣଅନୁକୋଣରେ ନିଜର ଗୁରୁତ୍ୱ ପ୍ରତିପାଳିତ କରିଥାଏ। ମଥୁରା ଓ ଗୋପ ପୁରରେ ଏହା ଦଶଦିନ ଧରି ଆନନ୍ଦ ଉତ୍ସାହ ସହକାରେ ପାଳିତ ହୋଇଥାଏ। କଥିତ ଅଛି ଦ୍ୱାପରରେ କୃଷ୍ଣଙ୍କର ବସନ୍ତ ରାସ ଦୀର୍ଘ ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହୁଏ। ଏହି ସମୟରେ ପ୍ରଭୁ ରାଧାକୃଷ୍ଣଙ୍କର ଲୀଳାଖେଳା ସମ୍ବନ୍ଧରେ ବହୁ ଆଲୋଚନା ହେବା ସହ ସଂଗୀତ ଓ ନୃତ୍ୟ ଭିତ୍ତିକ ଅନେକ କାର୍ଯ୍ୟକ୍ରମ ଚାଲୁରହେ। ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ଦ୍ୱାରା ଭୋଗ ଖାଇ ସାରିବା ପରେ ହିଁ ପଞ୍ଚୁଦୋଳର ଅପରାହ୍ନରେ ମେଣ୍ଢାକୁଡ଼ିଆ ବା ଅଗ୍ନି ଚାରିପାଖରେ ସାତ ଘେରା ପରିକ୍ରମା କରନ୍ତି। ଫଗୁ ଦଶମୀ ତିଥିରେ ପ୍ରଭୁଙ୍କ ଯୁଗଳ ପ୍ରତିମା ରତ୍ନସିଂହାସନରୁ ଅବତରଣ କରି ବିମାନରେ ବସି ପ୍ରଥମେ ଅଗ୍ନିକୁ ସାତଘେରା ପରିକ୍ରମା କରି ଦ୍ୱାରୀ ଭୋଗ ପାଇଁ ସଜ ହୁଅନ୍ତି। ସେପରି ଦ୍ୱାରୀ ଭୋଗ ଖାଇବା ଶେଷ କରି ଦୋଳମଣ୍ଡପରେ ଝୁଲି ସାରିବା ପରେ ଅଗ୍ନି ଚାରିପାଖରେ ସାତ ଘେରା ଅତିକ୍ରମ ଯମୁନା ସ୍ନାନ ସମାପନ କରି ପୁନରାୟ ରତ୍ନମଣ୍ଡପକୁ ବିଜେ କରନ୍ତି।

ପଞ୍ଚୁଦୋଳ କହିଲେ ପଞ୍ଚ ଶତ୍ରୁର ବିଦାୟ ଅର୍ଥାତ୍ କାମ, କୋଧ, ଅହଂକାର, ଅସତ୍ୟ ଓ ଅଧର୍ମର ବିନାଶର ତିଥି ହିଁ ପଞ୍ଚୁଦୋଳ। ପ୍ରତିଟି ମଣିଷ ଏଇ ମହାଶତ୍ରୁର ବିନାଶ ଘଟାଇ ସତ୍ୟ ଧର୍ମର ପ୍ରତିଷ୍ଠା ପାଇଁ ନିଜକୁ ପ୍ରସ୍ତୁତ ହେବା ଦରକାର। ପ୍ରଭୁ ରାଧାକୃଷ୍ଣ ଦୋଳ ବେଦିରେ ବସି ଝୁଲିବା ବେଳେ ଏଇ ମହାନ ଆଦର୍ଶ ବାର୍ତ୍ତା ପ୍ରଦାନ କରିଥାଆନ୍ତି। କାଳିକା ନିଜକୁ ଅଗ୍ନିଦେହରେ ଝାସଦେଇ ପୃଥିବୀରେ ମହା ସତ୍ୟର ମହାନ ବାର୍ତ୍ତା ପ୍ରଦାନ କରି ଯମୁନା ସ୍ନାନ କରନ୍ତି ଓ ଗୋଟିଏ ବର୍ଷ ପାଇଁ ଭକ୍ତଜନଙ୍କ ଠାରୁ ମେଲାଣି ନେଇ ରତ୍ନସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ପଞ୍ଚୁଦୋଳ ପାଞ୍ଚ ମହାଶତ୍ରୁର ବିନାଶର ତିଥି। ବିପଥଗାମୀ ମନୁଷ୍ୟକୁ ସଦ୍‌ଗତି ଦେଇ ମହାସତ୍ୟର ଦିଗ୍‌ଦର୍ଶନ ବାଢ଼ନ୍ତି।

ଓଡ଼ିଆଙ୍କ ଜନଜୀବନରେ ଜଗନ୍ନାଥ ପଞ୍ଜିକା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ସତେ ଯେପରି ପ୍ରଭୁଙ୍କ ନିର୍ଦ୍ଦେଶନାମା। ପୁରୀ ମୁକ୍ତିମଣ୍ଡପ ଓଡ଼ିଆଙ୍କ ମୁକ୍ତିର ମହାମନ୍ତ୍ର। ଦୋଳପୂର୍ଣ୍ଣିମା ତିଥିରେ ନୂତନ ପଞ୍ଜିକା ପ୍ରଚଳନ ହୋଇଥାଏ ଓ ପଞ୍ଚୁଦୋଳ ଅବସରରେ ଅବଧାନେ ଏଇ ନୂତନ ପଞ୍ଜିକା ପଢ଼ିଥାନ୍ତି। ଗାଁ ମୁଣ୍ଡା ଚଉତରା ନତୁବା ଭାଗବତ ଟୁଙ୍ଗୀରେ ଏଇ ପଞ୍ଜିକା ପଢ଼ା ଅନୁଷ୍ଠିତ ହୁଏ। ଗାଁର ପ୍ରତ୍ୟେକ ଘରୁ ପୁରୁଣା ଲୋକ ଏଠାରେ ଉପସ୍ଥିତ ରହି ପଞ୍ଜିକା ଶୁଣନ୍ତି ଓ ଅବଧାନଙ୍କୁ ଦକ୍ଷିଣା ଦେଇ ଆଶୀର୍ବାଦ ନେଇ ଘରକୁ ଫେରନ୍ତି। ଏ ପରମ୍ପରା କାହିଁ କେଉଁ ଆଦିମ କାଳରୁ ଆମ ଗ୍ରାମିର ଜୀବନକୁ ଆହୁରି ଉତ୍ସବ ମୁଖର କରି ତୋଳୁଛି। ପଞ୍ଚୁଦୋଳରେ ପଞ୍ଜିକା ପଢ଼ା ଗାଁ ଜନଜୀବନରେ ଏକ ଉତ୍ସବ ମୁଖର ସଞ୍ଜ। ପିଲାଙ୍କ ହୋ ହୋ ଶବ୍ଦ ଭିତରେ ଗାଁ ଯାତ୍ରାର ଗହଳି। ଆର ପାଖରେ ମେଣ୍ଢା କୁଡ଼ିଆ ପୋଡ଼ା ଓ ରାଧାକୃଷ୍ଣଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ପର୍ବ ଗାଁ ପରିବେଶକୁ ଆହୁରି ଜୀବନ୍ତ କରେ। ଅବଧାନଙ୍କ ସତର୍କ ବାଣୀରେ ବୟସ୍କ ଲୋକଙ୍କ ଆଲୋଚନା। ଆହୁରି ଗହଳି ଜମାଏ। ପଞ୍ଚୁଦୋଳ ଜହ୍ନକିରଣକୁ ଖାଲି ବିମାନ ଧରି ବେହେରା ମାନେ ଭାଗବତ ଟୁଙ୍ଗୀକୁ ଫେରିଲା ବେଳେ ଗାଁ ମଣ୍ଡପରୁ ପାଲା ସଂକୀର୍ତ୍ତନର ଶବ୍ଦ ଗାଁକୁ ଜୀବନ୍ତ କରିଥାଏ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ଆଞ୍ଚଳିକ ମୃଦଙ୍ଗ
ସୋମବାର,୯,ମାର୍ଚ୍ଚ,୨୦୨୬ Monday,9 March 2026, Bhubaneswar





# ବିଜୟଙ୍କୁ ପୁଣି ଥରେ ସିବିଆଇ ସମନ

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗତ ବର୍ଷ ଘଟିଥିବା କରୁର ଦଳାଚକଟା ମାମଲାରେ ଅଭିନେତାରୁ ରାଜନେତା ହୋଇଥିବା ଏବଂ ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ମୁଖ୍ୟ ଜୋଶେଫ ବିଜୟ ଚନ୍ଦ୍ରଶେଖରଙ୍କୁ ମଙ୍ଗଳବାର ଆଉ ଥରେ ପଚରାଉଚରା ପାଇଁ ସମନ ଜାରି କରିଛି । ତଦନ୍ତ ଅନ୍ତର୍ଗତ ଅଭିନେତା ପୂର୍ବରୁ ଜାନୁଆରି ୧୨ ଏବଂ ଜାନୁଆରି ୧୯ ତାରିଖରେ ଦେଶର ସର୍ବୋଚ୍ଚ ତଦନ୍ତ ସଂସ୍ଥାର ମୁଖ୍ୟାଳୟରେ ହାଜର ହୋଇଥିଲେ । ଅଧିକାରୀମାନେ ସୂଚିତ କରିଛନ୍ତି ଯେ,




ତଦନ୍ତକାରୀମାନେ ବିଜୟଙ୍କଠାରୁ ଅଧିକ ସ୍ପଷ୍ଟୀକରଣ ଆବଶ୍ୟକ କରୁଥିବା ଅତିରିକ୍ତ ପ୍ରମାଣ ଓ ସାମଗ୍ରୀ ସଂଗ୍ରହ କରିଛନ୍ତି, ଯାହା ଫଳରେ ତାଙ୍କୁ ପୁଣି ଥରେ ହାଜର ହେବାକୁ ଏକ ନୂଆ ନୋଟିସ୍ ଜାରି କରାଯାଇଛି । ଏହି ତଦନ୍ତ ୨୭ ସେପ୍ଟେମ୍ବର ୨୦୨୫ରେ ତାମିଲନାଡୁର କରୁର ଜିଲ୍ଲାରେ ବିଜୟଙ୍କ ଦ୍ୱାରା ସମ୍ବୋଧିତ ଏକ ରାଜନୈତିକ ରାଲି ସମୟରେ ଘଟିଥିବା ଦଳାଚକଟା ସହିତ ଜଡିତ । ଏହି ଦୁଃଖଦ ଘଟଣା ଫଳରେ ୪୧ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ୬୦ ରୁ ଅଧିକ ଆହତ ହୋଇଥିଲେ ।

# ୧୦୦ ଡଲାର ଟପିଲା ଅଶୋଧିତ ତୈଳ ମୂଲ୍ୟ

## ଏହି ମୂଲ୍ୟ ବହୁତ କମ୍ କହିଲେ ଟ୍ରମ୍ପ

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପରିସ୍ଥିତି ସମ୍ପର୍କରେ ବିବୃତି ଜାରି କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ଯଦି ଏହି ସ୍ଥିତି ଇରାନର ପରମାଣୁ ବିପଦକୁ ଦୂର କରିପାରିବ, ତେବେ ବର୍ତ୍ତମାନର ତୈଳ ମୂଲ୍ୟ ଆମେରିକା ତଥା ବିଶ୍ୱର ସୁରକ୍ଷା ପାଇଁ ଏହି ମୂଲ୍ୟ ବହୁତ କମ୍ ।ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ କହିଛନ୍ତି, ଇରାନର ପରମାଣୁ କ୍ଷମତା ସମାପ୍ତ ହେବା ପରେ କ୍ଷଣସ୍ଥାୟୀ ତେଲ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବ । ସେ ଜୋର ଦେଇ କହିଛନ୍ତି, କେବଳ ମୂର୍ଖମାନେ ପରିସ୍ଥିତିକୁ ଭିନ୍ନ ଭାବରେ ଦେଖିବେ । ଏହା ଆମେରିକା ଓ ବିଶ୍ୱର ସୁରକ୍ଷା ତଥା ଶାନ୍ତି ପାଇଁ ଏକ ଛୋଟ ମୂଲ୍ୟ।ଅଶୋଧିତ ତେଲ ଦର ପ୍ରତି ବ୍ୟାରେଲ ୧୦୦ ଡଲାରରୁ ଅଧିକ ବୃଦ୍ଧି ପାଇବା ପରେ ଟ୍ରମ୍ପଙ୍କର ଏହି ବିବୃତ୍ତି ଆସିଛି । ୨୦୨୨



ମସିହାରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ତେଲ ଏହି ସ୍ତର ଅତିକ୍ରମ କରିଛି । ଇରାନ ସହିତ ଏକ ସମ୍ଭାବ୍ୟ ସଂଘର୍ଷ ବିଶ୍ୱ ତୈଳ ଯୋଗାଣରେ ଦୀର୍ଘକାଳୀନ ବାଧା ସୃଷ୍ଟି କରିପାରେ ବୋଲି ନିବେଶକମାନେ ଚିନ୍ତା ପ୍ରକାଶ କରିଛନ୍ତି। ଇରାନ ସହିତ ଉତ୍ତେଜନା ଯୋଗୁଁ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଆମେରିକାର ତୈଳ ଫ୍ୟୁଚର୍ସ ୧୮ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ପ୍ରାୟ ୧୦୮ ଡଲାରରେ ପହଞ୍ଚିଛି, ଯାହା ୧୯ ଜୁଲାଇ, ୨୦୨୨ ପରଠାରୁ ସର୍ବୋଚ୍ଚ ସ୍ତର । ଏହି ସମୟରେ, ବିଶ୍ୱ ତୈଳ ବେଞ୍ଚମାର୍କ ଭାବରେ ବିବେଚିତ ବ୍ରେଣ୍ଟ ଫ୍ୟୁଚର୍ସ ୧୬ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ପ୍ରାୟ ୧୦୮ ଡଲାରରେ ପହଞ୍ଚିଛି ଅଶୋଧିତ ତୈଳ ଦର ବୃଦ୍ଧି ସେୟାର ବଜାରକୁ ମଧ୍ୟ ପ୍ରଭାବିତ କରିଛି । ବ୍ୟବସାୟୀମାନେ ଚିନ୍ତିତ ଯେ ଦୀର୍ଘକାଳୀନ ଇନ୍ଧନ ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତିକୁ ଆହୁରି ବୃଦ୍ଧି କରିପାରେ ଏବଂ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । ଏହି ପରିସ୍ଥିତି ନିବେଶକ ଏବଂ ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

# ୧୩୫୩ ପଏଣ୍ଟ ଖସିଲା ସେନ୍ସେକ୍ସ

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ପୁଞ୍ଜି ବଜାର ନିବେଶକମାନଙ୍କ ଉପରେ ଯୁଦ୍ଧର ବଡ଼ ପ୍ରଭାବ ପଡ଼ିଛି । ନିବେଶକମାନେ ଛାନିଆଁ ହୋଇ ସେୟାର ବିକ୍ରି କରିବାରେ ଲାଗିଛନ୍ତି । ଏଥିଯୋଗୁ ଆଜି ଉଭୟ ସେନ୍ସେକ୍ସ ଓ ନିଫ୍ଟି ଆଜି ପାଖାପାଖି ୨ ପ୍ରତିଶତ ତଳକୁ ଖସିଯାଇଛି। ସେନସେକ୍ସ ୧୩୫୨.୭୪ ପଏଣ୍ଟ୍ (୧.୭୧ ପ୍ରତିଶତ) ହ୍ରାସ ପାଇଁ ୭୭,୫୬୬.୧୬ ପଏଣ୍ଟ୍ରେ ବନ୍ଦ ହୋଇଛି । ତେବେ ଦିନର କାରବାର ମଝିରେ ସେନ୍ସେକ୍ସ ଆଜି ୨୪୯୪.୩୫ ପଏଣ୍ଟ ବା ୩.୧୬ ପ୍ରତିଶତ ତଳକୁ ଖସିଯାଇଥିଲା । ପରେ ଏଥିରେ ସୁଧାର ଆସିଥିଲା । ସେହିଭଳି ନିଫ୍ଟି ଆଜି ଦିନର କାରବାର ମଧ୍ୟରେ ୭୫୨.୬୫ ପଏଣ୍ଟ ବା ୩.୦୭ ପ୍ରତିଶତ ତଳକୁ ଖସିଯାଇଥିଲା। କିନ୍ତୁ ପରେ ଏଥିରେ ସୁଧାର ଆସିବାରୁ ନିଫ୍ଟି ୨୪,୦୨୮.୦୫ ପଏଣ୍ଟରେ ବନ୍ଦ ହୋଇଛି, ଯାହାକି ଗତ ଶୁକ୍ରବାର ତୁଳନାରେ ୪୨୨.୪୦ ପଏଣ୍ଟ ବା ୧.୭୩ ପ୍ରତିଶତ କମ୍ । ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାରପୁଞ୍ଜି ଆଜି ୪,୪୯,୬୮,୨୬୦.୮୧ କୋଟି ଟଙ୍କାକୁ କମିଯାଇଛି । ଏଥିପାଇଁ ନିବେଶକମାନଙ୍କର ପ୍ରାୟ ୮ ଲକ୍ଷ ଟଙ୍କା ଧୋଇଯାଇଛି। ଯୁଦ୍ଧ ପ୍ରଭାବରେ ଅଶୋଧିତ ତେଲ ଦର ବୃଦ୍ଧି ପାଇଛି । ସେହିଭଳି ଟଙ୍କାର ବିନିମୟ ମୂଲ୍ୟ ମଧ୍ୟ ରେକର୍ଡ ସ୍ତରକୁ ହ୍ରାସ ପାଇଛି । ଏଥିସହିତ ଏସିଆର ଅନ୍ୟ ବଜାରରେ ଷ୍ଟକ୍ ମାର୍କେଟଗୁଡ଼ିକ ନିମ୍ନମୁଖୀ ହୋଇଛି । ଦକ୍ଷିଣ କୋରିଆର କୋସ୍ପି ୭ ପ୍ରତିଶତକୁ ଅଧିକ, ଜାପାନର ନିକେଇ ୬.୫ ପ୍ରତିଶତ, ଚୀନର ସାଂଘାଇ ଏସ୍ଏସ୍ଇ କମ୍ପୋଜିଟ୍ ଏବଂ ହଂକଂର ହ୍ୟାଙ୍ଗ୍ ସେଙ୍ଗ୍ ଆଦି ତଳକୁ ଖସିଛି । ବିଦେଶୀ ସଂସ୍ଥାଗତ ନିବେଶକମାନେ ମଧ୍ୟ ଭାରତୀୟ ପୁଞ୍ଜି ବଜାରରୁ ମୁହଁ ଫେରାଇବା ଅବ୍ୟାହତ ରଖିଛନ୍ତି ।୧ ଡଲାରର ବିନିମୟ ମୂଲ୍ୟ ଆଜି ୯୨.୨୮ ଟଙ୍କାକୁ ହ୍ରାସ ପାଇଛି, ଯାହାକି ଗତ ଶୁକ୍ରବାର ତୁଳନାରେ ୪୬ ପଇସା କମ୍ । ଅଶୋଧିତ ତେଲ ଦର ବୃଦ୍ଧି, ଇକ୍ୱିଟି ବଜାର ନିମ୍ନମୁଖୀ ହେବା ଏବଂ ବିଦେଶୀ ସଂସ୍ଥାଗତ ନିବେଶକମାନେ ଭାରତରୁ ମୁହଁ ଫେରାଇବା ଫଳରେ ଟଙ୍କା ମୂଲ୍ୟ ଉପରେ ଏହାର ପ୍ରଭାବ ପଡ଼ିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି ।


# ଇରାନ ଆକ୍ରମଣରେ ସାଉଦି ଆରବ କ୍ରୋଧିତ

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ଉପସାଗରୀୟ ଦେଶଗୁଡ଼ିକରେ ଇରାନ ଦ୍ୱାରା ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ କରିବାର ଘଟଣା ବୃଦ୍ଧି ପାଉଛି । ପାନୀୟ ଜଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ ଡିସାଲିନେସନ୍ ପ୍ଲାଣ୍ଟ ଉପରେ ଇରାନ ଆକ୍ରମଣ କରିଥିବା ବାହାରିନ ଅଭିଯୋଗ କରିଛି । ଇରାନ ପୂର୍ବରୁ ଉପସାଗରୀୟ ଦେଶଗୁଡ଼ିକ ଉପରେ ଶହ ଶହ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିସାରିଛି । ସାଉଦି ଆରବ ରିପୋର୍ଟ କରିଛି, ଏକ କ୍ଷେପଣାସ୍ତ୍ର ଆବାସିକ ଅଞ୍ଚଳରେ ପଡ଼ିଛି । ଫଳରେ ବହୁ ଲୋକ ଆହତ ହୋଇଛନ୍ତି । ସାଉଦି ଆରବ ଇରାନର କାର୍ଯ୍ୟ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି । ସାଉଦି ବୈଦେଶିକ ମନ୍ତ୍ରଣାଳୟ ଚେତାବନୀ ଦେଇଛି, ଯଦି ଆକ୍ରମଣ ଜାରି ରହେ, ତେବେ ଇରାନ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ । ମନ୍ତ୍ରଣାଳୟ ଉପସାଗରୀୟ, ଆରବ ଏବଂ ଇସଲାମିକ ଦେଶମାନଙ୍କ ପକ୍ଷରୁ ଇରାନର ଆକ୍ରମଣକୁ ନିନ୍ଦା କରି କହିଛି, ବିମାନବନ୍ଦର, ତୈଳ ସୁବିଧା ଓ ବେସାମରିକ ଅଞ୍ଚଳ ଉପରେ ଆକ୍ରମଣ ସୁରକ୍ଷା ତଥା ସ୍ଥିରତା ପାଇଁ ବିପଦ ବ୍ୟତୀତ ଆଉ କିଛି ନୁହେଁ । ଏହା ଅନ୍ତର୍ଜାତୀୟ ଚାର୍ଟର ଓ ଆଇନର ସିଧାସଳଖ ଉଲ୍ଲଂଘନ । ସାଉଦି ଆରବ ଯୁଦ୍ଧ ପାଇଁ ଲଢୁଆ ବିମାନ ଏବଂ ଇନ୍ଧନ ଭର୍ତ୍ତି ବିମାନଗୁଡ଼ିକୁ ନିଜ ଅଞ୍ଚଳରୁ ପରିଚାଳନା କରିବାକୁ ଅନୁମତି ଦେଇଥିଲା ବୋଲି ଇରାନର ଦାବିକୁ ମଧ୍ୟ ସାଉଦି ବିଦେଶ ମନ୍ତ୍ରଣାଳୟ ଖଣ୍ଡନ କରିଛି । ମନ୍ତ୍ରଣାଳୟ ସ୍ପଷ୍ଟ କରିଛି, ଇରାନ ଯେଉଁ ବିମାନଗୁଡ଼ିକ ବିଷୟରେ ଉଲ୍ଲେଖ କରିଛି ସେସବୁ କେବଳ ସାଉଦି ଏବଂ ଜିସିସି ବାୟୁମଣ୍ଡଳ ନିରୀକ୍ଷଣ କରିବା ତଥା ଇରାନୀ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ବିରୋଧରେ ସୁରକ୍ଷା ଦେବା ପାଇଁ ବିମାନ ପାଟ୍ରୋଲିଂ କରୁଥିଲେ । ସାଉଦି ଆରବ ଚେତାବନୀ ଦେଇଛି, ଇରାନର ଏପରି କାର୍ଯ୍ୟ ବୁଦ୍ଧିମାନର ନୁହେଁ ଏବଂ ଏହା କେବଳ ଉତ୍ତେଜନାକୁ ବଢ଼ାଇବ । ଯଦି ଆକ୍ରମଣ ଜାରି ରହେ, ତେବେ ଏହା ଗଲ୍ଫ ଅଞ୍ଚଳ ଏବଂ ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ତଥା ଭବିଷ୍ୟତ ସମ୍ପର୍କ ଉପରେ ଗମ୍ଭୀର ପ୍ରଭାବ ପକାଇବ । ମନ୍ତ୍ରଣାଳୟ କହିଛି, ଏଭଳି ପରିସ୍ଥିତିରେ ଇରାନ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ । ଉପକୂଳବର୍ତ୍ତୀ ଦେଶଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା ଇରାନର ପ୍ରାଥମିକତା ହେବା ଉଚିତ ।



# କମିଲା ସୁନା ଦର

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟ ଯୁଦ୍ଧ କାରଣରୁ ସୁନାରୁପା ବଜାରରେ ଅସ୍ଥିରତା ଦେଖାଦେଇଛି । ଏହାରି ଭିତରେ ଆଜି ସୁନା ଦର କମିଛି। ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୧୯୬୦ ଟଙ୍କା ହ୍ରାସପାଇ ୧,୬୧,୬୮୦ ଟଙ୍କା ହୋଇଛି । ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୧୮୦୦ ଟଙ୍କା ତଳକୁ ଖସି ୧,୪୮,୨୦୦ ଟଙ୍କାରେ ରହିଛି । ଚଳିତମାସ ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ



ସୁନା ଦର କମିଥିଲା । କିନ୍ତୁ ୭ ତାରିଖ ଦିନ ଏହା ବଢ଼ିଥିଲା । କିନ୍ତୁ ଆଜି ଦର ହ୍ରାସ ଘଟିଛି । ଅନ୍ୟପକ୍ଷରେ ରୁପା ଦର ଲଗାତାର ଭାବେ ଗତ କିଛିଦିନ ହେଲା ଅପରିବର୍ତ୍ତିତ ରହିଛି । ଭୁବନେଶ୍ୱର ବଜାରରେ ରୁପା ଦର ସଂପ୍ରତି କିଲୋଗ୍ରାମ୍ ପିଛା ୨,୯୦,୦୦୦ ଟଙ୍କା ରହିଛି ।

# ଇରାନକୁ 'ଅଟଳ ସମର୍ଥନ' ଘୋଷଣା କଲେ ପୁଟିନ

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଜାରି ରହିଛି ଉତ୍ତେଜନା । ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଲଢେଇ ଜାରି ରହିଛି। ଏହା ଭିତରେ ସୋମବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସ୍ପଷ୍ଟ କରିଛନ୍ତି, ଇରାନ ସହିତ ରୁଷ ଦୃଢ଼ ଭାବରେ ଛିଡା ହେବ । ପୁଟିନ କହିଛନ୍ତି, ମସ୍କୋ ତେହେରାନକୁ ସମର୍ଥନ ଜାରି ରଖିବ ଏବଂ ଏହି କଷ୍ଟକର ସମୟରେ ଇରାନ ସହିତ ଏକତା ବଜାୟ ରଖିବ । ତେହେରାନ ପ୍ରତି ତାଙ୍କର ଅଟଳ ସମର୍ଥନ ଏବଂ ଇରାନୀ ବନ୍ଧୁମାନଙ୍କ ସହିତ ଏକଜୁଟତା ପୁନଃସ୍ଥାପନ କରିବାକୁ ଚାହାଁନ୍ତି । ତାଙ୍କର ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଏହି ଅଞ୍ଚଳରେ ଆମେରିକା-ଇରାନ ଉତ୍ତେଜନା ଏବଂ ସାମରିକ ମୁକାବିଲାକୁ ନେଇ ଅନ୍ତର୍ଜାତୀୟ ଚିନ୍ତା ବୃଦ୍ଧି ପାଉଛି । ପୁଟିନ୍ ଇରାନର ନୂତନ ନେତା ମୋଜତାବା ଖାମେନେଇଙ୍କୁ ଦାୟିତ୍ୱ ଗ୍ରହଣ କରିବା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସେ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ମୋଜତାବା ଖାମେନେଇ ତାଙ୍କ ବାପାଙ୍କ ଐତିହ୍ୟକୁ ସମ୍ମାନର ସହିତ ଆଗକୁ ବଢ଼ାଇବେ ଏବଂ କଷ୍ଟକର ପରିସ୍ଥିତିରେ ଇରାନ ଲୋକଙ୍କୁ ଏକତ୍ର କରିବାରେ ସଫଳ ହେବେ । ପୁଟିନ୍ କହିଛନ୍ତି ଯେ ଇରାନ ସଶସ୍ତ୍ର ଆକ୍ରମଣ ଏବଂ ଗମ୍ଭୀର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେବା କରିବା ସାହସ ଏବଂ ସମର୍ପଣର ଏକ ମହାନ ପରୀକ୍ଷା ହେବ । ସେ ଆଶା ପ୍ରକାଶ କରିଛନ୍ତି ଯେ ନୂତନ ନେତୃତ୍ୱ ଅଧୀନରେ ଇରାନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ । ଉଲ୍ଲେଖନୀୟ ଯେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ । କଥାବାର୍ତ୍ତା ସମୟରେ ସେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ହତ୍ୟା ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ । ପୁଟିନ ଖାମେନେଇଙ୍କ ପରିବାର ସଦସ୍ୟ, ଇରାନର ରାଜନୈତିକ ଏବଂ ସାମରିକ ନେତା ଏବଂ ବହୁ ସଂଖ୍ୟକ ନାଗରିକଙ୍କ ପ୍ରତି ମଧ୍ୟ ସମବେଦନା ଜଣାଇଥିଲେ । କ୍ରେମଲିନ ଅନୁଯାୟୀ, କଥାବାର୍ତ୍ତା ସମୟରେ ପୁଟିନ ଦୋହରାଇଥିଲେ ଯେ, ରୁଷ କୌଣସି ବିବାଦର ସମାଧାନ ପାଇଁ ବଳ ପ୍ରୟୋଗର ପକ୍ଷରେ ନୁହେଁ ବଂର ସଂଘର୍ଷର ଅନ୍ତକୁ ସମର୍ଥନ କରେ । ସେପଟେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର ଆଜି ଦଶମ ଦିନ । ଆମେରିକୀୟ ଘାଟି ଉପରେ ଇରାନ ଆକ୍ରମଣ ଜାରି ରହିଛି । ଇସ୍ରାଏଲ ମଧ୍ୟ ତେହେରାନ ସମେତ ପ୍ରମୁଖ ଇରାନୀ ଲକ୍ଷ୍ୟସ୍ଥଳଗୁଡ଼ିକୁ ଟାର୍ଗେଟ କରୁଛି । ଏହି ସମୟରେ ପୁଟିନଙ୍କ ଏଭଳି ବୟାନ ଖୁବ୍ ଚର୍ଚ୍ଚାରେ ରହିଛି । ଇରାନ ଆୟାତୋଲ୍ଲା ଅଲି ଖାମେନିଙ୍କ ପୁଅ ମୋଜତାବା ଖାମେନେଇଙ୍କୁ ପରବର୍ତ୍ତୀ ସର୍ବୋଚ୍ଚ ନେତା ଭାବରେ ବାଛିଛି । ଇରାନର ସର୍ବୋଚ୍ଚ ନେତା, ଆୟାତୋଲ୍ଲା ଅଲି ଖାମେନେଇ, ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଥିଲେ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ ସେ ଇରାନର ନୂତନ ସର୍ବୋଚ୍ଚ ନେତାଙ୍କ ସହିତ ସେହିପରି ବ୍ୟବହାର କରିବେ ଯେପରି ସେ ପୂର୍ବରୁ କରିଥିଲେ ।

# ଶକ୍ତି ଆବଶ୍ୟକତାକୁ ନେଇ ଭାରତ ସତର୍କ

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସୋମବାର ରାଜ୍ୟ ସଭାରେ କହିଛନ୍ତି, ସରକାର ଏହି ଅଞ୍ଚଳରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛନ୍ତି । ଭାରତ ଚାହେଁ ଯେ, ଏହି ସଙ୍କଟର ସମାଧାନ କୂଟନୀତି ଓ ଆଲୋଚନା ମାଧ୍ୟମରେ ହେଉ । ଭାରତ କେବେ ଯୁଦ୍ଧକୁ ସମର୍ଥନ କରେ ନାହିଁ । ସେ କହିଛନ୍ତି, ଉପସାଗରୀୟ ଦେଶଗୁଡ଼ିକରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଭାରତ ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି । ଏହି ସଂଘର୍ଷରେ ଘଟିଥିବା ଲୋକଙ୍କ ଜୀବନହାନି ଯୋଗୁଁ ଭାରତ ଦୁଃଖିତ । ଆମେ ସମସ୍ତ ପକ୍ଷଙ୍କୁ ଶାନ୍ତି ପାଇଁ ନିବେଦନ କରୁଛୁ । ଏହି ସଂଘର୍ଷ ସାଧାରଣ ଜୀବନ ଏବଂ ବ୍ୟବସାୟକୁ ପ୍ରଭାବିତ କରୁଛି । ଇରାନରେ ଫସି ରହିଥିବା ଭାରତୀୟମାନଙ୍କୁ ବାହାର କରିବା ପାଇଁ ତେହେରାନରେ ଥିବା ଭାରତୀୟ ଦୂତାବାସ କାର୍ଯ୍ୟ



କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ଶକ୍ତି ଆବଶ୍ୟକତା ଉପରେ ଏହି ସଂଘର୍ଷର ପ୍ରଭାବ ବିଷୟରେ ଭାରତ ସତର୍କ ରହିଛି । ସମସ୍ତ ବିଭାଗ ଆଲର୍ଟ ମୋଡରେ ରଖାଯାଇଛି । ଏସ. ଜୟଶଙ୍କର କହିଛନ୍ତି, ସଂଘର୍ଷ ଭାରତ ପାଇଁ ବିଶେଷ ଚିନ୍ତାର ବିଷୟ । ଆମେ ଏକ ପଡ଼ୋଶୀ ଅଞ୍ଚଳ, ଏବଂ ପଶ୍ଚିମ ଏସିଆରେ ସ୍ଥିରତା ବଜାୟ ରଖିବା ଆମର ଦାୟିତ୍ୱ । ଏକ କୋଟି ଭାରତୀୟ ଉପସାଗରୀୟ ଦେଶଗୁଡ଼ିକରେ ରୁହନ୍ତି ଏବଂ କାମ କରନ୍ତି । କିଛି ହଜାର ଭାରତୀୟ ମଧ୍ୟ ଅଧ୍ୟୟନ କିମ୍ବା ନିଯୁକ୍ତି ପାଇଁ ଇରାନରେ ଅଛନ୍ତି । ଏହି ଅଞ୍ଚଳ ଆମର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୈଳ ଓ ଗ୍ୟାସର ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଗାଣକାରୀ ଏଠାରେ ରହିଛନ୍ତି । ସଙ୍କଟ ଯୋଗୁ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି ହୋଇଛି ।

# ଇସ୍ରାଏଲ-ଇରାନ ଯୁଦ୍ଧରେ ଗଡ଼ିଆଡେ କୁଢ କୁଢ ଶବ

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ପଶ୍ଚିମ ଏସିଆରେ ଆରମ୍ଭ ହୋଇଥିବା ଯୁଦ୍ଧ ମାତ୍ର କିଛି ଦିନ ମଧ୍ୟରେ ଅନେକ ଦେଶକୁ ଗ୍ରାସ କରି ସାରିଲାଣି । ଗତ ୧୦ ଦିନ ମଧ୍ୟରେ ଆକ୍ରମଣ- ପ୍ରତିଆକ୍ରମଣରେ ହଜାର ହଜାର ଲୋକ ପ୍ରାଣ ହରାଇ ସାରିଲେଣି ଏବଂ ହଜାର ହଜାର ଲୋକ ଆହତ ହୋଇସାରିଲେଣି । ଇରାନ ଏବଂ ଲେବାନନ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି, ଯେତେବେଳେ କି ଅନେକ ଉପସାଗରୀୟ ଏବଂ ପଡ଼ୋଶୀ ଦେଶରୁ ମଧ୍ୟ ମୃତ୍ୟୁ ଏବଂ ଆହତଙ୍କ ଖବର ସମ୍ନାକୁ ଆସୁଛି । ଯୁଦ୍ଧରେ ଏପର୍ଯ୍ୟନ୍ତ ଇରାନ ସବୁଠାରୁ ଅଧିକ କ୍ଷତି ସହିଛି। ୧୩୩୨ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଶହ ଶହ ଆହତ ହୋଇଥିବା ରିପୋର୍ଟ ହୋଇଛି । ଜାରି ରହିଥିବା ଆକ୍ରମଣ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପରିସ୍ଥିତି ଅତ୍ୟନ୍ତ ଜଟିଳ ରହିଛି । ୮ ଜଣ ଆମେରିକୀୟ ସୈନିକ ପ୍ରାଣ ହରାଇଛନ୍ତି ଏବଂ ୧୮ ଜଣ ଆହତ ହୋଇଛନ୍ତି । ସେହିଭଳି ଇସ୍ରାଏଲରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୨ ହଜାରରୁ ଅଧିକ ଆହତ ହୋଇଛନ୍ତି । ଫେବୃଆରୀ ୨୮ ତାରିଖରୁ ଜାରି ରହିଥିବା ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଉଭୟ ଦେଶ ପାଇଁ ଭାରି କ୍ଷତି ପହଞ୍ଚାଇଛି । ତଥାପି, ସମୟରେ



ଇରାନ ଆକ୍ରମଣ ଆମେରିକାର ପ୍ରତିରକ୍ଷା ବ୍ୟବସ୍ଥାକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ଦେଇଥିଲା । ଯୁଦ୍ଧର ପ୍ରଥମ ୪ ଦିନରେ, ଇରାନ ପ୍ରାୟ ୨ ବିଲିୟନ ଡଲାର (ପ୍ରାୟ ୧୬,୦୦୦ କୋଟି) ମୂଲ୍ୟର ଆମେରିକୀୟ ରାଡାର ଏବଂ ପ୍ରତିରକ୍ଷା ପ୍ରଣାଳୀକୁ କ୍ଷତି ପହଞ୍ଚାଇଛି କିମ୍ବା ନଷ୍ଟ କରିଛି । ଏଥିରେ ଅତ୍ୟାଧୁନିକ THAAD ପ୍ରତିରକ୍ଷା ପ୍ରଣାଳୀ, ମହଙ୍ଗା ରାଡାର ପ୍ରଣାଳୀ ଏବଂ ସାମରିକ ଯୋଗାଯୋଗ ଉପକରଣ ଅନ୍ତର୍ଭୁକ୍ତ । ଲେବାନନରେ ପରିସ୍ଥିତି ମଧ୍ୟ ଅତ୍ୟନ୍ତ ଗମ୍ଭୀର । ୩୯୪ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ୧୦୦୦ ରୁ ଅଧିକ ଆହତ ହୋଇଛନ୍ତି । ନିରନ୍ତର ଆକ୍ରମଣ ପରିସ୍ଥିତିକୁ ଆହୁରି ଖରାପ କରୁଛି । ଯୁଦ୍ଧର ପ୍ରଭାବ ଅନେକ ଉପସାଗରୀୟ ଦେଶରେ ମଧ୍ୟ ଅନୁଭୂତ ହୋଇଛି । ଇରାକରେ ୬ ଜଣଙ୍କ ମୃତ୍ୟୁ ଏବଂ ଅନେକ ଆହତ ହୋଇଛନ୍ତି ।

# 'ସାଉଦି ଆବାସିକ ଅଞ୍ଚଳରେ ହୋଇଥିବା ଆକ୍ରମଣରେ କୌଣସି ଭାରତୀୟଙ୍କ ମୃତ୍ୟୁ ଘଟିନାହିଁ'

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ରିୟାଦରେ ଥିବା ଭାରତୀୟ ଦୂତାବାସ ସୋମବାର ନିଶ୍ଚିତ କରିଛି ଯେ, ସାଉଦି ଆରବର ଅଲ୍ ଖାର୍ଜ ସହରର ଏକ ଆବାସିକ କୋଠାରେ ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣରେ କୌଣସି ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇନାହିଁ । ଅଲ୍-ଖାର୍ଜ ଗଭର୍ଣ୍ଣୋରେଟର ଏକ ଆବାସିକ ଅଞ୍ଚଳରେ କ୍ଷେପଣାସ୍ତ୍ର ପଡ଼ିବା ପରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ପୂର୍ବ ରିପୋର୍ଟକୁ ସ୍ପଷ୍ଟ କରି ଦୂତାବାସ କହିଛି, ସେ ଆହତ ହୋଇଛନ୍ତି ଏବଂ ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି । ଏନେଇ ଦୂତାବାସ ସମ୍ପୃକ୍ତ ସାଉଦି କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛି ଏବଂ ପରିସ୍ଥିତି ଉପରେ କଡ଼ା ନଜର ରଖିଛି । ଏଥିରେ କୁହାଯାଇଛି, କାଉନସେଲର ୱାଇ ସାବିର ଗତକାଲି ରାତିରେ ଅଲ୍ ଖାର୍ଜ ଗସ୍ତ କରି ଏହି ଦୁର୍ଭାଗ୍ୟଜନକ ଘଟଣାରେ ସମ୍ପୃକ୍ତ ଆହତ ଭାରତୀୟ ନାଗରିକଙ୍କୁ ଭେଟିଥିଲେ । ଏଥିରେ ସୂଚନା ଦିଆଯାଇଛି, ଆହତ ନାଗରିକ ବର୍ତ୍ତମାନ ଅଲ୍ ଖାର୍ଜର ଏକ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସାଉଦି ନାଗରିକ ପ୍ରତିରକ୍ଷା ମହାନିର୍ଦ୍ଦେଶାଳୟ ମଧ୍ୟ ପ୍ରାରମ୍ଭିକ ବିବୃତିରେ କହିଛି, ଅଲ-ଖାର୍ଜ ଗଭର୍ଣ୍ଣୋରେଟର ଏକ ଆବାସିକ ସ୍ଥାନରେ କ୍ଷେପଣାସ୍ତ୍ର ପଡ଼ିବା ଘଟଣାରେ ମୃତକ ଦୁଇଜଣ ବାଂଲାଦେଶୀ ନାଗରିକ । ଏହା ସହିତ ୧୧ ଜଣ ବାଂଲାଦେଶୀ ନାଗରିକ ଆହତ ହୋଇଛନ୍ତି । ଏହି ଘଟଣାରେ ଜଣେ ଭାରତୀୟ ନାଗରିକ ମଧ୍ୟ ଆହତ ହୋଇଛନ୍ତି । ପୂର୍ବରୁ ଆକ୍ରମଣ ସମ୍ପର୍କରେ ପ୍ରତିକ୍ରିୟା ଦେଇ, ସାଉଦି ନାଗରିକ ପ୍ରତିରକ୍ଷା ମହାନିର୍ଦ୍ଦେଶାଳୟ କହିଥିଲା ଯେ, ଏହି ଘଟଣାରେ ଦୁଇ ଜଣ ବିଦେଶୀ ନାଗରିକଙ୍କର ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ଜଣେ ଭାରତୀୟ ଏବଂ ଜଣେ ବାଂଲାଦେଶୀ ଅଛନ୍ତି । ଏହା ସହିତ ୧୨ ବାଂଲାଦେଶୀ ଆହତ ହୋଇଛନ୍ତି । ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି, ରିୟାଦର ଭାରତୀୟ ଦୂତାବାସ ସାଉଦି ଆରବରେ ଥିବା ଭାରତୀୟ ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦେଇଛି ।

# ଯୁଦ୍ଧରେ ବିଶ୍ୱ ଅସ୍ତବ୍ୟସ୍ତ, ଅସ୍ତ୍ରଶସ୍ତ୍ର ବିକି ଲାଭ କରୁଛି ଆମେରିକା

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ଯେତେବେଳେ ସମଗ୍ର ବିଶ୍ୱ ମଧ୍ୟପ୍ରାଚ୍ୟ ଏବଂ ୟୁରୋପରେ ଯୁଦ୍ଧ ଯୋଗୁଁ ଅସ୍ତବ୍ୟସ୍ତ ହେଉଛି । ସେତେବେଳେ ଆମେରିକା ଏହି ବିପର୍ଯ୍ୟୟକୁ ଏକ ସୁଯୋଗରେ ପରିଣତ କରୁଛି । ବିଲେଇ କପାଳକୁ ଶିକା ଛିଣ୍ଡିଲା ପରି ଗତ ଚାରି ବର୍ଷ ମଧ୍ୟରେ, ଆମେରିକା ଯୁଦ୍ଧଗ୍ରସ୍ତ ଦେଶଗୁଡ଼ିକୁ ଅନେକ ଅସ୍ତ୍ରଶସ୍ତ୍ର ବିକ୍ରିକରିଛି । ଏହା ଯୋଗୁଁ ଅସ୍ତ୍ରଶସ୍ତ୍ର ବଜାରରେ ଆମେରିକାର ପ୍ରାଧାନ୍ୟ ଆହୁରି ବୃଦ୍ଧି ପାଇଛି । ଷ୍ଟକହୋମ ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବିଶ୍ୱ ସ୍ତରରେ ବିକ୍ରି ହେଉଥିବା ପ୍ରତି ୧୦୦ ଅସ୍ତ୍ରଶସ୍ତ୍ର ମଧ୍ୟରୁ ୪୨ଟି ଆମେରିକୀୟ । ଷ୍ଟକହୋମ ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ , ୨୦୨୧ ରୁ ୨୦୨୫ ମଧ୍ୟରେ ସାରା ବିଶ୍ୱରେ ହୋଇଥିବା ସମସ୍ତ ଅସ୍ତ୍ରଶସ୍ତ୍ର ବିକ୍ରୟର ୪୨ ପ୍ରତିଶତ ଆମେରିକାର ଥିଲା । ୨୦୧୬-୨୦ ମଧ୍ୟରେ ଏହି ପରିମାଣ ୩୬ ପ୍ରତିଶତ ଥିଲା । ଏହି ସମୟ ମଧ୍ୟରେ ଅସ୍ତ୍ରଶସ୍ତ୍ର ବିକ୍ରୟରେ ରୁଷ ସର୍ବାଧିକ କ୍ଷତି ସହିଛି । ବର୍ତ୍ତମାନ ବିଶ୍ୱରେ ଅସ୍ତ୍ରଶସ୍ତ୍ର ବିକ୍ରୟର ୬.୮ ପ୍ରତିଶତ ହେଉଛି ରୁଷିଆର । ଆମେରିକା ପରେ ଫ୍ରାନ୍ସ ଭାରତକୁ ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ହୋଇଛି । ୨୦୨୧-୨୫ ମଧ୍ୟରେ ଆମେରିକା ସାଉଦି ଆରବକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ବିକ୍ରି କରିଛି। ଗତ ବର୍ଷ, ସାଉଦି ଆରବ ଆମେରିକାଠାରୁ ୪୮ଟି ଏଫ୍-୩୫ ପାଇଥିଲା । ଏହା ସହିତ ଏକ ଥାଡ୍ ସିଷ୍ଟମ ମଧ୍ୟ ପାଇଥିଲା । ଗତ ଚାରି ବର୍ଷ ମଧ୍ୟରେ କେବଳ ସାଉଦି ଆରବ ଆମେରିକାଠାରୁ ୧୨ ପ୍ରତିଶତ ଅସ୍ତ୍ରଶସ୍ତ୍ର କିଣିଛି । ରୁଷ ସହିତ ଯୁଦ୍ଧ କରୁଥିବା ୟୁକ୍ରେନ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର କ୍ରେତା । ଗତ ଚାରିବର୍ଷ ମଧ୍ୟରେ, ଆମେରିକା ନିଜର ମୋଟ ଅସ୍ତ୍ରଶସ୍ତ୍ରର ୯ ପ୍ରତିଶତ ୟୁକ୍ରେନକୁ ବିକ୍ରିକରିଛି । ୟୁକ୍ରେନ ଆମେରିକାଠାରୁ କ୍ଷେପଣାସ୍ତ୍ର ଏବଂ ସଶସ୍ତ୍ର ଯାନ କିଣିଛି । ୟୁକ୍ରେନ ୨୦୨୨ ମସିହାରୁ ରୁଷ ସହିତ ଯୁଦ୍ଧ କରୁଛି । ଜାପାନ ହେଉଛି ଆମେରିକାର ତୃତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର କ୍ରେତା । ଜାପାନ ଚୀନ୍ ମଧ୍ୟରେ ବିବାଦ ରହିଛି । ଗତ ଚାରି ବର୍ଷ ମଧ୍ୟରେ, ଆମେରିକା ଜାପାନକୁ ରାଡାର ସିଷ୍ଟମ ଏବଂ କ୍ଷେପଣାସ୍ତ୍ର ବିକ୍ରି କରିଛି । ଜାପାନ ହେଉଛି ଏସିଆରେ ଆମେରିକାର ସବୁଠାରୁ ବଡ଼ ସହଯୋଗୀ ।

# କେଜରିୱାଲଙ୍କ ସହ ଅନ୍ୟ ୨୩ ଜଣଙ୍କ ମୁକ୍ତିକୁ ସିବିଆଇର ଚ୍ୟାଲେଞ୍ଜ,ନୋଟିସ୍ ଜାରି କଲେ ହାଇକୋର୍ଟ

**ନୂଆଦିଲ୍ଲୀ,୯।୩(ଏଜେନ୍ସି):** ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତଙ୍କ ଡିସଚାର୍ଜ ଅର୍ଡର ଉପରେ ରୋକ ଲଗାଇବାକୁ ଦିଲ୍ଲୀ ହାଇକୋର୍ଟ ମନା କରିଦେଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ସମସ୍ତ ୨୩ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିଲେ। ପରବର୍ତ୍ତୀ ସମୟରେ ସିବିଆଇ ନିମ୍ନ ଅଦାଲତର ନିଷ୍ପତ୍ତିକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସିବିଆଇ ପକ୍ଷରୁ ଟ୍ରାଏଲ କୋର୍ଟ ରାୟକୁ ଚ୍ୟାଲେଞ୍ଜ ଦେଇଥିବା ଆବେଦନ ଉପରେ ହାଇକୋର୍ଟ ଅଭିଯୁକ୍ତଙ୍କୁ ତାଙ୍କ ପକ୍ଷ ରଖିବାକୁ ନୋଟିସ୍ ଦେଇଛନ୍ତି । ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ କୋର୍ଟ ଶୁଣାଣି ପାଇଁ ଆଗାମୀ ତାରିଖ ୧୬ ମାର୍ଚ୍ଚକୁ ଧାର୍ଯ୍ୟ କରିଛନ୍ତି । ହାଇକୋର୍ଟରେ ସୋମବାର ସିବିଆଇ ଏହି ମାମଲାକୁ ଦେଶର ସବୁଠାରୁ ବଡ଼ ଦୁର୍ନୀତିରୁ ଗୋଟିଏ ବୋଲି କହିଛି । ଏହା ସହ ଦାବି କରିଛି ତାଙ୍କ ପାଖରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ଏହା ସହ ହାଇକୋର୍ଟ ମଦ ଦୁର୍ନୀତିରେ ମୁକ୍ତ ହୋଇଥିବା ସମସ୍ତ ୨୩ ଜଣଙ୍କୁ ନୋଟିସ୍ ଜାରି କରିଛନ୍ତି, ଯେଉଁଥିରେ ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ ଏବଂ କେ. କବିତା ମଧ୍ୟ ସାମିଲ ଅଛନ୍ତି । କୋର୍ଟ ରାଉଜ୍ ଆଭେନ୍ୟୁ କୋର୍ଟ ଦ୍ୱାରା ସିବିଆଇ ବିରୋଧରେ ଦିଆଯାଇଥିବା ମନ୍ତବ୍ୟ ଉପରେ ମଧ୍ୟ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛନ୍ତି । ଦିଲ୍ଲୀ ହାଇକୋର୍ଟରେ ସିବିଆଇର ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା ଯୁକ୍ତି ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି 'ଏହା ନିମ୍ନ ଅଦାଲତର ଦୋଷମୁକ୍ତକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନ । ଏହା ଏହି ଦେଶର ରାଜଧାନୀର ଇତିହାସରେ ସବୁଠାରୁ ବଡ଼ ଦୁର୍ନୀତି ମଧ୍ୟରୁ ଗୋଟିଏ ଏବଂ ମୋ ମତରେ, ଜାତୀୟ ଲଜ୍ଜାର ବିଷୟ । ଏହାକୁ ଫରେନସିକ୍ ଯାଞ୍ଚ କରାଯିବା ଦରକାର ।' ସିବିଆଇ ଯୁକ୍ତି ଦେଇଥିଲା ଯେ ଦିଲ୍ଲୀ ଅବକାରୀ ନୀତି ଜାଣିଶୁଣି କିଛି ବ୍ୟବସାୟକୁ ଲାଭ ଦେବା ପାଇଁ ପ୍ରସ୍ତୁତ କରାଯାଇଥିଲା । ସଲିସିଟର ଜେନେରାଲ କହିଥିଲେ ଯେ ନୀତିକୁ କିଛି ନିର୍ଦ୍ଦିଷ୍ଟ ବ୍ୟବସାୟକୁ ଲାଭ ଦେବା ପାଇଁ ହେରଫେର କରାଯାଇଥିଲା । ହାୱାଲା ମାଧ୍ୟମରେ ଟଙ୍କା ସ୍ଥାନାନ୍ତର କରାଯାଇଥିଲା । ଏପରି ମାମଲାରେ, ଅଭିଯୁକ୍ତମାନେ ପ୍ରାୟତଃ ରାଜନୈତିକ ପ୍ରତିଶୋଧ ନେବାର ଅଭିଯୋଗ କରନ୍ତି, କିନ୍ତୁ ଏହା ତଦନ୍ତର ଗୁରୁତ୍ୱକୁ ହ୍ରାସ କରେ ନାହିଁ।ସିବିଆଇ କୋର୍ଟଙ୍କ ଆଗରେ ସାକ୍ଷୀଙ୍କ ବୟାନ ମଧ୍ୟ ଉଲ୍ଲେଖ କରିଥିଲା । ସଲିସିଟର ଜେନେରାଲ କହିଥିଲା ।



## ତୁଳସୀ ମହିଳା କଲେଜରେ ଆନ୍ତର୍ଜାତୀୟ ମହିଳା ଦିବସ



**କେନ୍ଦ୍ରାପଡ଼ା,୯।୩ (ନି.ପ୍ର) :** ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ବାସନ୍ତୀ ଶୁକ୍ଳାଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନାରୀ ସଶକ୍ତିକରଣ ସମ୍ପର୍କରେ ଅଧକ୍ଷା ଡ. ଶୁକ୍ଳା ଏକ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ନାରୀ ନିଜର ଆତ୍ମବିଶ୍ୱାସ, ସାହସ ଓ କାର୍ଯ୍ୟଦକ୍ଷତା ମାଧ୍ୟମରେ ସଫଳତା ପାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଡିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ଏଲୋରା କବି ନାରୀମାନେ ସୁରକ୍ଷିତ ହେଲେ ସମଗ୍ର ସମାଜର ଉନ୍ନତି ହୋଇପାରିକ ବୋଲି କହିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ସବିତା ଦାସ ଏକ ସୁନ୍ଦର ବିଶ୍ୱଗଠନ କରିବାରେ ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ତପନ କୁମାର ଦାସ କନ୍ୟା, ଭଗିନୀ, ଜାୟା ଓ ମା' ରୂପରେ ନାରୀ ବନ୍ଦନୀୟା ବୋଲି କହିଥିଲେ। ଆଇ. କ୍ୟୁ. ଏ. ସି. ସେଲ ସଂଯୋଜିକା ଡ. ଏରିକା ମହାନ୍ତି ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗଣିତ ବିଭାଗ ମୁଖ୍ୟ ପ୍ରଫେସର ନିବେଦିତା ନାୟକ ମହିଳା ବିବସରେ ଚଳିତ ବର୍ଷର ଥିମ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଶପଥ ନେଇଥିଲେ। ଶେଷରେ ବାଗ୍ମୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜେଟ୍ ୨୦୨୬-୨୭ କୁ ନେଇ ଶିଳ୍ପମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ

**ଜଗତସିଂହପୁର,୯।୩ (ନି.ପ୍ର) :** ଚଳିତ ବର୍ଷର ରାଜ୍ୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ମାନ୍ୟବର ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜଗତସିଂହପୁର ରେଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଆଲୋଚନା କରିଛନ୍ତି। ସର୍କିଟ ହାଉସ ଠାରେ ଆୟୋଜିତ ଏହି ପ୍ରେସ ମିଟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏବଂ ମାନ୍ୟବର ବିଧାୟକ ଜଗତସିଂହପୁର ଶ୍ରୀ ଅମରେନ୍ଦ୍ର ଦାସ ବଜେଟ୍ ୨୦୨୬-୨୭ ର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମନ୍ତ୍ରୀ କହିଲେ ଯେ, ଚଳିତ ଆର୍ଥିକ ବର୍ଷର ବଜେଟ୍ ?ର ପରିମାଣ ମୋଟ୍ ୩.୧୦ ଲକ୍ଷ କୋଟି ରହିଛି, ଯାହା ଓଡିଶା ଇତିହାସରେ ସର୍ବାଧ ?କ। 'ସବକା ସାଥ୍ ?, ସବକା ବିକାଶ'କୁ ପ୍ରାଥମିକତା ଦିଆଯାଇ ରାଜ୍ୟର ସମସ୍ତ ବର୍ଗଙ୍କୁ ସୁହାଇଲା ଭଳି ବଜେଟ୍ ପ୍ରସ୍ତୁତ ହୋଇଛି । ବିଶେଷକରି ଯୁବବର୍ଗ, ମହିଳା, କୃଷକ, ଜନଜାତି ଓ ମଧ୍ୟବିତ୍ତଙ୍କୁ ସଶକ୍ତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଶିଳ୍ପାୟନ, ପର୍ଯ୍ୟଟନ ଏବଂ ଭିତ୍ତିଭୂମିର ବିକାଶକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି । ଏହାସହିତ ନିଯୁକ୍ତି ସୃଷ୍ଟି, ଉତ୍ପାଦକତା ବୃଦ୍ଧି ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ।ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜାତୀୟ ହାର ତୁଳନାରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ପ୍ରକୃତ ଜିଏସଡିପି ଅଭିବୃଦ୍ଧି ହାର ୭.୯% ରହିଛି, ଯାହା ୨୦୨୪-୨୫ ର ୭.୨% ତୁଳନାରେ ଅଧିକ ଏବଂ ଏହା ଜାତୀୟ ହାର ୭.୪% ଠାରୁ ମଧ୍ୟ ଅଧିକ। ରାଜ୍ୟର ମୁଣ୍ଡପିଛା ଆୟ ୯.୨% ବୃଦ୍ଧି ପାଇ ପ୍ରାୟ ୧ ଲକ୍ଷ ୮୬ ହଜାର ଟଙ୍କାରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୀତିରେ କୃଷି କ୍ଷେତ୍ରର ଅବଦାନ ୧୯.୬% ରହିଛି, ଯାହା ଜାତୀୟ ହାର ୧୬.୮% ଠାରୁ ଅଧିକ। ୨୦୨୫ ରେ ୫ ଲକ୍ଷ ୬୬ ହଜାର କୋଟିର ୨୪୪ ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହା ଦ୍ୱାରା ୩ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସର୍ବଭାରତୀୟ ଅର୍ଥନୈତିକ ସର୍ଭେ ୨୦୨୫-୨୬ ଓଡ଼ିଶାକୁ ଏକ 'ମଡେଲ ଷ୍ଟେଟ୍' ଭାବେ ପ୍ରଶଂସା କରିଛି। ଲୋକଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି'ର ପ୍ରତିବଦ୍ଧତାକୁ ସାକାର କରିବା ପାଇଁ, ଏହି ବଜେଟରେ ଛଅଟି ପ୍ରମୁଖ ସ୍ତମ୍ଭ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

୧) ନାଗରିକଙ୍କୁ ପ୍ରାଥମିକତା
୨) ଗ୍ରାମୀଣ ସଶକ୍ତିକରଣ
୩) ସମସ୍ତଙ୍କର ସମୃଦ୍ଧି
୪) ଆମ ପରମ୍ପରା, ଆମ ସ୍ୱାଭିମାନ
୫) ପଥ ପ୍ରଦର୍ଶନକାରୀ ପ୍ରଯୁକ୍ତି
୬) ଲୋକକୈନ୍ଦ୍ରିକ ଶାସନ

ସେମିକଣ୍ଡକ୍ଟର ନିବେଶ, ଦକ୍ଷତା ବିକାଶ, ଜୀବିକା ଏବଂ ଜଳବାୟୁ ସହିଷ୍ଣୁ ଭିତ୍ତିଭୂମି ଗଠନ ଯୋଗୁଁ ସମୃଦ୍ଧ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ ଦିଗରେ ସରକାର ଆଗକୁ ବଢୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ବ୍ୟବସାୟୀଙ୍କ ପାଇଁ ଭୟମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫, ଗୋ ସ୍ୱିଫ୍ଟ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଶୀଘ୍ର ପ୍ରକଳ୍ପ ମଞ୍ଜୁରୀ, ଜମି ପ୍ରଶାସନ, କ୍ଷେତ୍ରୀୟ ଲାଇସେନ୍ସ ପ୍ରଦାନରେ ସଂସ୍କାର, ଇଜ ଅଫ୍ ଡୁଇଙ୍ଗ ବିଜିନେସରେ ଉତ୍ତମ ପ୍ରଦର୍ଶନ ଭଳି ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚଳିତ ବଜେଟର କିଛି ଉଲ୍ଲେଖନୀୟ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ବିବରଣୀ ଦେଇଥିଲେ। ଆଦର୍ଶ ମଣ୍ଡି, ଭିବି ଜି ରାମଜୀ, ଜନଜାତି ଜୀବିକା ମିଶନ, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା, ବିରଳ ମୃତ୍ତିକା କରିଡ୍ର୍, ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ଓ ବ୍ୟାଖ୍ୟାନ କେନ୍ଦ୍ର, ଓଡ଼ିଶା ଏଆଇ ମିଶନ, ଡାଲଖାଇ ଯୋଜନା, ପିଏମ୍ ପୋଷଣ, ସୁଭଦ୍ରା ଶକ୍ତି ସମ୍ବାଦ, ଫିଟ୍ ଇଣ୍ଡିଆ ମିଶନ, ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ, ଆଧୁନିକ ଶସ୍ୟ ଗୋଦାମ ନିର୍ମାଣ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା, ଆଡ଼ିବନ୍ଧ ତିଆରି ଯୋଜନା, ସେତୁ ବନ୍ଧ ଯୋଜନା ଭଳି କିଛି ନୂତନ ଯୋଜନା ସମ୍ପର୍କରେ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଶିକ୍ଷାର ଉନ୍ନତି ପାଇଁ ଐତିହ୍ୟ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ପିଏମ ଶ୍ରୀ ସ୍କୁଲ, ପଞ୍ଚସଖା ଶିକ୍ଷା ସେତୁ, ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଗଙ୍ଗାଧର ମେହେର ଶିକ୍ଷାମାନକ ବୃଦ୍ଧି ଯୋଜନାରେ ଅର୍ଥ ଖର୍ଚ୍ଚ ହେବ। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ନିର୍ମଳ, ନିରାମୟ ଓ ନିଦାନ ଯୋଜନା, ଅଟଳ ରକ୍ତ ଦାନ ଅଭିଯାନ, ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ପାଇଁ ବଜେଟରେ ବ୍ୟୟବରାଦ ହୋଇଛି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ମଧ୍ୟ ବଜେଟରେ ବ୍ୟବସ୍ଥା ରହିଛି। ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ବୃଦ୍ଧାଶ୍ରମ, ମଧୁବାବୁ ପେନସନ୍ ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରେସ ମିଟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାର ବିକାଶ ଓ ରାଜ୍ୟ ବଜେଟକୁ ନେଇ ମନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତୀଚୀ ତନୟା ମହାନ୍ତି , ସୂଚନା ଓ ଲୋକସମ୍ପର୍କ ବିଭାଗ ର କର୍ମକର୍ତ୍ତା ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ 'ମେଗା ସମ୍ଝୋତା ଅଭିଯାନ' ଆୟୋଜିତ

**କେନ୍ଦୁଝର, ୯।୩ (ନି.ପ୍ର) :** ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୬ ମାର୍ଚ୍ଚରୁ ୨୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଏହାର ସମସ୍ତ ଶାଖା/ ଜୋନ୍ ଏବଂ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟଗୁଡିକରେ ଏକକାଳୀନ ସମାଧାନ (ଓଟିଏସ୍) ମାଧ୍ୟମରେ ଋଣଗ୍ରହୀତାଙ୍କ ଏନ୍‌ପିଏ ଋଣ ଆକାଉଣ୍ଟର ସମାଧାନ ପାଇଁ "ମେଗା ସମ୍ଝୋତା ଅଭିଯାନ"ର ଆୟୋଜନ କରିଅଛି। ଏହି ସମ୍ଝୋତା ଅଭିଯାନ ବିଶେଷ ଭାବରେ ସେହି ଏନ୍‌ପିଏ ଋଣଗ୍ରହୀତାମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ବ୍ୟବସାୟରେ ଅସୁବିଧା/ ଚିକିତ୍ସାଜନିତ ସମସ୍ୟା କିମ୍ବା ଅନ୍ୟ କୌଣସି ଯଥାର୍ଥ କାରଣ ବଶତଃ ଠିକ୍ ସମୟରେ ଋଣ ପରିଶୋଧ କରିପାରି ନାହାଁନ୍ତି। ବ୍ୟାଙ୍କର କ୍ଷୁଦ୍ର ଓ ମଧ୍ୟମ ଆକାଉଣ୍ଟଧାରୀ ମାନଙ୍କ ଋଣ ସମାଧାନ ପାଇଁ ସ୍ୱତନ୍ତ୍ର ଓଟିଏସ୍ ଯୋଜନା ମାଧ୍ୟମରେ ଏନ୍‌ପିଏ ଆକାଉଣ୍ଟଧାରୀ ଋଣଗ୍ରହୀତାମାନଙ୍କୁ ବିଶେଷ ରିହାତି ପ୍ରଦାନ କରାଯାଉଛି। ସମସ୍ତ ଏନ୍‌ପିଏ ଆକାଉଣ୍ଟଧାରୀ ଏହି ସୁବର୍ଣ୍ଣ ସୁଯୋଗର ଲାଭ ଉଠାଇବା ପାଇଁ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆହ୍ୱାନ କରାଯାଉଛି।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକ




**ନୟାଗଡ଼ , ୯।୩ (ନି.ପ୍ର):** ନୟାଗଡ଼ ଜିଲ୍ଲାପରିଷଦ ସୃଜନ ସମ୍ମିଳନୀ କକ୍ଷରେ ମାନ୍ୟବର ସାଂସଦ, କଟକ ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ଦିଶା ବୈଠକ ନିର୍ଦ୍ଧାରିତ ସମୟର ଦେଢ଼ ଘଣ୍ଟା ବିଳମ୍ବରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିରେ ମାନ୍ୟବର ସାଂସଦ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ, ଖଣ୍ଡପଡ଼ା ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନନୀୟ ଅଧକ୍ଷ, ଜିଲ୍ଲା ପରିଷଦ ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନନୀୟା ଉପାଧକ୍ଷା, ଜିଲ୍ଲା ପରିଷଦ ବିଷ୍ଣୁପ୍ରିୟା ବେହେରା, ସମ୍ମାନନୀୟା ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନନୀୟ ମୁଖ୍ୟ ଉନ୍ନୟନ ଅଧିକାରୀ, ଲଗ୍ନଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଗଣିଆ ବ୍ଲକ ଅଧକ୍ଷା ଉପସ୍ଥିତ ଥିବା ବେଳେ ଅନ୍ୟ ୭ ଗୋଟି ବ୍ଲକର ବ୍ଲକ ଅଧକ୍ଷ ଓ ବହୁ ବିଭାଗର ଅଧିକାରୀ ଗୁରୁତ୍ୱ ପୂର୍ଣ୍ଣ ଦିଶା ମିଟିଙ୍ଗରେ ଅନୁପସ୍ଥିତ ରହିବା ପରିତାପର ବିଷୟ। ବୃତଙ୍ଗ ପ୍ରୋଜେକ୍ଟ ର ଯନ୍ତ୍ରୀ ଗୁରୁତ୍ୱ ପୂର୍ଣ୍ଣ ଦିଶା ବୈଠକରେ ଅନୁପସ୍ଥିତ ଥିବା ଯୋଗୁ ଜିଲ୍ଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଉଦବେଗ ପ୍ରକାଶ କରିଥିଲେ ବୈଠକ ପ୍ରାରମ୍ଭରେ ଜିଲ୍ଲା କୃଷି ଅଧିକାରୀ ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପୂର୍ଣ୍ଣ ତଥ୍ୟ ଦେଇପାରି ନଥିବାରୁ ବୈଠକର ସଭାପତି ଓ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିଥିଲେ ଅଧିକ୍ଷଣ ଯନ୍ତ୍ରୀ ଓପିଟିସିଏଲ ଙ୍କୁ ୟୁନିଟ କଷ୍ଟ ଏବଂ ସବସିଡି ଉପରେ ସମୀକ୍ଷା କରାଯାଇଥିଲା । ଓରେଡା ଫଣ୍ଡରୁ ୩ ଗୋଟି ସ୍କୁଲକୁ ସୋଲାର ଲାଇଟ ସଂଯୋଗୀକରଣ / ଜଙ୍ଗଲ ବିଭାଗର ରାସ୍ତା / ଜିଲ୍ଲା ଶିଳ୍ପ କେନ୍ଦ୍ରର ପିଏମଇଜିପି ଋଣ ମଞ୍ଜୁର ବିଷୟରେ ଏବଂ ଷ୍ଟେଟ ବ୍ୟାଙ୍କ ଓ କାନାଡ଼ା ବ୍ୟାଙ୍କକୁ ଲକ୍ଷପତି ଦିଦିର ମେଳା କରିବାରେ ସହଯୋଗ କରିବା ବିଷୟରେ ପରାମର୍ଶ ଦିଆଯାଇଥିଲା କ୍ଷ ସେହିପରି ଅଧିକ୍ଷଣ ଯନ୍ତ୍ରୀଙ୍କ ଜଳ ଜୀବନ ମିଶନରେ ନଳକୂପ / ସୌର ଚାଳିତ ନଳକୂପ ବିଷୟରେ ସମୀକ୍ଷା କରାଯାଇଥିଲା ଏବଂ ୩୧. ୧୨. ୨୬ ସୁଦ୍ଧା ପ୍ରତି ଗାଁକୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ପ୍ରତିଶ୍ରୁତି ଦେଇଥିଲେ କ୍ଷ ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ପାରାଦୀପ ବନ୍ଦର ସାକ୍ଷରତା ସମିତି ପକ୍ଷରୁ ଆନ୍ତର୍ଯ୍ୟାତୀୟ ମହିଳା ଦିବସ ପାଳିତ

**ପାରାଦୀପ, ୯।୩ (ନି.ପ୍ର):** ପାରାଦୀପ ପାରାଦୀପ ବନ୍ଦର ପ୍ରାଧିକରଣ ର ସାମାଜିକ ଶାଖା ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ରବିବାର ଦିନ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି କ୍ଷ ଏଥିରେ ମହିଳା ଏବଂ ବାଳିକାମାନଙ୍କ ପାଇଁ ଶିକ୍ଷା, ସମାନତା ଏବଂ ସୁଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଯୋଗଦେଇ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ବନ୍ଦର ଉପ-ସଂରକ୍ଷକ କ୍ୟାପଟ୍ଟେନ ଏ.ସି.ସାହୁ, ସଚିବ କୃଷ୍ଣ ବାପି ରାଜୁ ଜି, ମୁଖ୍ୟ ଅର୍ଥ ପରାମର୍ଶଦାତା ଏ.କେ.ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ହୋଇ ମହିଳା ସଶକ୍ତିକରଣର ଭାବନାକୁ ଉତ୍ସାହିତ କରିଥିଲେ।

ସାକ୍ଷରତା ସମିତିର ପୂର୍ବତନ ପରିଚାଳନା ପରିଷଦ ସଦସ୍ୟା ଏବଂ ସାମାଜିକ କର୍ମୀ ଶ୍ରୀମତୀ ସ୍ୱର୍ଣ୍ଣ ମିଶ୍ର ଏହି



କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ ଏବଂ ସମାଜରେ ମହିଳାମାନଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବାରେ ଶିକ୍ଷା ଏବଂ ସଶକ୍ତିକରଣର ଭୂମିକା ଉପରେ ତାଙ୍କର ମୂଲ୍ୟବାନ ଅନ୍ତର୍ଦୃଷ୍ଟି ଉପରେ ଆଲୋକପାତ କରିଥିଲେ । ସମିତିର ପୂର୍ବତନ ପରିଚାଳନା ପରିଷଦ ସଦସ୍ୟ ଶ୍ରୀମତୀ ସବିତା ମିଶ୍ର ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟା ଭାବରେ ଯୋଗ ଦେଇଥିଲେ ଏବଂ ସମାବେଶକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ, ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା, ସେମାନଙ୍କର ପ୍ରତିଭାକୁ ସ୍ୱୀକୃତି ଦେଇ ସାମାଜିକ ଏବଂ ଶିକ୍ଷାଗତ କାର୍ଯ୍ୟକଳାପରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରାଯାଇଥିଲା। ବନ୍ଦର ଡିଟିଏମ ଏବଂ ସାକ୍ଷରତା ସମିତିର କାର୍ଯ୍ୟକାରୀ ଅଧକ୍ଷ ଏ.କେ.ସାହୁ ସ୍ୱାଗତ ଭାଷଣ ଦେଇ ଆନ୍ତର୍ଜାତୀୟ ମହିଳା ଦିବସର ମହତ୍ତ୍ୱ ଏବଂ ଶିକ୍ଷା ଏବଂ ସମାନ ସୁଯୋଗ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମିତିର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ମୂଲ୍ୟବାନ ଉପସ୍ଥିତି ଏବଂ ସମର୍ଥନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ଷ୍ଟେସନରେ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ହେତୁ କିଛି ଟ୍ରେନ୍ ଅସ୍ଥାୟୀ ଭାବେ ବାତିଲ

**ଭୁବନେଶ୍ୱର, ୯।୩ (ନି.ପ୍ର):** ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥ ପୁରୀ ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଘୋଷଣା କରିଛି। ଏହି କାର୍ଯ୍ୟରେ ଷ୍ଟେସନ ୟାର୍ଡରେ ବାଲାଷ୍ଟଲେସ୍ ଟ୍ରାକ୍ ନିର୍ମାଣ ଏବଂ ପ୍ଲାଟଫର୍ମ ନମ୍ବର ୭ ଏବଂ ୮ ର ବିକାଶ ମୂଳକ କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହି ଅତ୍ୟାବଶ୍ୟକ କାର୍ଯ୍ୟଗୁଡ଼ିକୁ ସହଜ କରିବା ପାଇଁ, ନିର୍ଦ୍ଧାରିତ ତାରିଖରେ, ୧୪ ମାର୍ଚ୍ଚ ୨୦୨୬ ରୁ ୧୬ ମଇ ୨୦୨୬ ମଧ୍ୟରେ ଛଅଟି ଟ୍ରେନର ସେବା ଅସ୍ଥାୟୀ ଭାବରେ ବାତିଲ କରାଯିବ।

ଟ୍ରେନ୍ ବାତିଲ:

ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକର ବିବରଣୀ ନିମ୍ନଲିଖିତ: ୦୨୮୩୯ ଶାଳିମାର-ପୁରୀ ଟିଓଡ଼ି ସ୍ପେଶାଲ୍ - ୧୫, ୨୨, ୨୯ ମାର୍ଚ୍ଚ; ୫, ୧୨, ୧୯, ୨୬ ଏପ୍ରିଲ; ୩, ୧୦ ମଇ ୨୦୨୬। ୦୨୮୪୦ ପୁରୀ-ଶାଳିମାର ଟିଓଡ଼ି ସ୍ପେଶାଲ୍ - ୧୬, ୨୩, ୩୦ ମାର୍ଚ୍ଚ; ୬, ୧୩, ୨୦, ୨୭ ଏପ୍ରିଲ; ୪, ୧୧ ମଇ ୨୦୨୬। ୦୮୦୧୨ ପୁରୀ-ଭଞ୍ଜପୁର ଟିଓଡ଼ି ସ୍ପେଶାଲ୍ - ୧୫, ୨୦, ୨୨, ୨୭, ୨୯ ମାର୍ଚ୍ଚ; ୩, ୫,



୧୦, ୧୨, ୧୭, ୧୯, ୨୪, ୨୬ ଏପ୍ରିଲ; ୧, ୩, ୮, ୧୦, ୧୫ ମଇ ୨୦୨୬।

୦୮୦୧୧ ଭଞ୍ଜପୁର-ପୁରୀ ଟିଓଡ଼ି ସ୍ପେଶାଲ୍ - ୧୪, ୧୯, ୨୧, ୨୬, ୨୮ ମାର୍ଚ୍ଚ; ୨, ୪, ୯, ୧୧, ୧୬, ୧୮, ୨୩, ୨୫, ୩୦ ଏପ୍ରିଲ; ୨, ୭, ୯, ୧୪, ୧୬ ମଇ ୨୦୨୬। ୬୮୪୦୯/୬୮୪୧୦ ଖୋର୍ଦ୍ଧା ରୋଡ୍ - ପୁରୀ- ଖୋର୍ଦ୍ଧା ରୋଡ୍ ମେମୁ ୧୫ ମାର୍ଚ୍ଚରୁ ୩୧ ମାର୍ଚ୍ଚ, ୧ ଏପ୍ରିଲରୁ ୩୦ ଏପ୍ରିଲ ଏବଂ ୧ ମେ ରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ବାତିଲ କରାଯିବ।

ପୂର୍ବତଟ ରେଳପଥ ସମସ୍ତ ଯାତ୍ରୀଙ୍କୁ ଏହି ଜରୁରୀ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଚାଲୁଥିବା ସମୟରେ ସମସ୍ତ ଯାତ୍ରୀଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରୁଛି। ଦୀର୍ଘମିଆ।ଦି ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ କ୍ଷମତା ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଏହି ସ୍ୱଳ୍ପକାଳୀନ ବାଧାବିଘ୍ନଗୁଡ଼ିକ ଆ।ବଶ୍ୟକ ପଡେ। ଯାତ୍ରୀମାନଙ୍କୁ ସେମାନଙ୍କର ଯାତ୍ରା ଆ।ରମ୍ଭ କରିବା ପୂର୍ବରୁ ଏନ୍. ଟି. ଇ. ଏସ୍. କିମ୍ବା ରେଳବାଇ ଅନୁସନ୍ଧାନ ପ୍ରଣାଳୀ ମାଧ୍ୟମରେ ଟ୍ରେନ୍ଗୁଡ଼ିକର ସଦ୍ୟତମ ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଅ।ଯାଇଛି।

## ଅର୍ନ୍ତଜାତୀୟ ମହିଳା ଦିବସ ପାଳିତ



**ଜଗତସିଂହପୁର, ୯।୩ (ନି.ପ୍ର) :** ଆ।ଜି ପୂର୍ବାହ୍ନ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆ।ୟୋଜିତ କରାଯାଇଥିଲା । ଗତ ୬ ତାରିଖ ରୁ ଇଣ୍ଡୋର ଷ୍ଟାଡିୟମ ,ଜଗତସିଂହପୁର ଠାରେ ଆ।ରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ର ଆ।ଜି ତୃତୀୟ ଦିନ ତଥା ଅର୍ନ୍ତଜାତୀୟ ମହିଳା ଦିବସରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ,ଜଗତସିଂହପୁର , ଶ୍ରୀ ଅମରେନ୍ଦ୍ର ଦାସ,ସମ୍ମାନୀତ ଅତିଥି ଭାବେ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ,ସରୋଜିନୀ ସିଂହ, ଡି .ଏସ.ପି, ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟଠାରୁ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ପଦଯାତ୍ରାରେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଦାସ ମହୋଦୟ ପତାକା ଦେଖାଇ ପଦଯାତ୍ରା କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଏହି କାର୍ଯ୍ୟକ୍ରମର ଆ।ଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅର୍ନ୍ତଜାତୀୟ ମହିଳା ଦିବସରେ ୩୦୦ରୁ ଉର୍ଦ୍ଧ୍ୱ କ୍ରୀଡାବିତ୍ଙ୍କ ସମେତ ସ୍କୁଲ ଓ କଲେଜ ଛାତ୍ରୀ, ଅଙ୍ଗନୱାଡି ଓ ଆ।ଶା କର୍ମୀ ମାନେ, ବିଭିନ୍ନ ବର୍ଗ ରୁ ଆ।ସିଥିବା ମହିଳାମାନେ ଏହି ବିଶାଳ ପଦଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ଅର୍ନ୍ତଜାତୀୟ ମହିଳା ଦିବସ ଅବସରରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଦିଲ୍ଲୀ ରାଷ୍ଟ୍ରପତି ଭବନରେ National Florence Nightingale ସମ୍ମାନ ରେ ସମ୍ମାନୀତ ଶ୍ରୀମତୀ ଝୁଲଣା ବାରିକ ଓ ମଣ୍ଡା ସାହି CHC ସେବିକା ଶ୍ରୀମତୀ ବିଦ୍ୟୁଲତା ଦାଶ ,ଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଗଲା।

ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀମତୀ ବିଶ୍ ବିଜୟନି ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତ ଅତିଥି ଏବଂ ମହିଳାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଗତକାଲି ତା ୭/୮/୨୬, ଦ୍ୱିତୀୟ ଦିନରେ ଇଣ୍ଡୋର ଷ୍ଟାଡିୟମ, ଜଗତସିଂହପୁର ଠାରେ ଆ।ତ୍ମରକ୍ଷା କର୍ମଶାଳା ଓ ଜୁଡୋ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥଲା। ଏଥିରେ କ୍ରୀଡ଼ା, ସ୍କୁଲ ଓ କଲେଜ ଛାତ୍ରୀ ,ମହିଳା ପୋଲିସ,ମହିଳା ଅଙ୍ଗନବାଡ଼ି କର୍ମୀ , ଯୋଗଦେଇଥିଲେ ୟ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡ଼ଃ ବିଷ୍ଣୁପ୍ରିୟା ଦାଶ, ଅବସପ୍ରାପ୍ତ ଓଡ଼ିଅ। ରିଡର୍,ସବିତା ପରିଡ଼ା, ଆ।ରକ୍ଷୀ ନିରୀକ୍ଷକ, ଜଗତସିଂହପୁର, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଯୋଗ ଦେଇଥିଲେୟମୁଖ୍ୟଅତିଥି ଶ୍ରୀମତି ଦାଶ ମହିଳାମାନଙ୍କ ଉତ୍ତମ ସମାଜ ଗଠନରେ ଅବଦାନ ସମ୍ପର୍କରେ ଓ ଜଣେ ବରିଷ୍ଠ ମହିଳା ସିନ୍ଧୁ ତାଇ ସଫଳକାର ବିଷୟରେ କହିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ପାଳିତ



**ବୁଗୁଡ଼ା , ୯।୩ (ନି.ପ୍ର):** ସ୍ଥାନୀୟ ସତସଙ୍ଗ କେନ୍ଦ୍ର ପକ୍ଷରୁ ସୂର୍ଯ୍ୟନଗରସ୍ଥିତ ଉତ୍ସବ ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମହୋତ୍ସବର ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ , ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃ କାଳରେ ସମବେତ ଉଷା ବିନତି ପ୍ରାର୍ଥନା, ପୂର୍ବାହ୍ନରେ ନଗର କୀର୍ତ୍ତନ ସହ ସତସଙ୍ଗ ସଦାଲୋଚନା କରାଯାଇଥିଲା । ବୁଗୁଡା ସତସଙ୍ଗର ୨୬ତମ ବାର୍ଷିକୀରେ ଆୟୋଜିତ ଏହି ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଅଧ୍ୱର୍ଯ୍ୟ ନିରଞ୍ଜନ ବିଶ୍ୱାଳ ଯୋଗ ଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶୃଙ୍ଖଳିତ ଜୀବନଚର୍ଯ୍ୟା ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଯାଜକ ବିଘ୍ନେଶ୍ୱ ଦୋରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପରିଶେଷରେ ଉତ୍ସବ କମିଟି ସଭାପତି ଦୁର୍ଗା ମାଧବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାତୃମଣ୍ଡଳୀ ସମେତ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ବେଳେ ପରିଚାଳନାରେ ସତସଙ୍ଗର ଗୁରୁଭାଇମାନେ ସକ୍ରିୟ ସହଯୋଗ କରିଥିଲେ।

## ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ବଲାଙ୍ଗିର ର ବିଶ୍ୱ ମହିଳା ଦିବସ

**ବଲାଙ୍ଗିର,୯।୩ (ନି.ପ୍ର):** ଇଷ୍ଟକୋଷ୍ଟ ରେଲୱେ ରେଲୱେ ଶ୍ରମିକ ୟୁନିୟନ ବଲାଙ୍ଗିର ପରିସରରେ ସମ୍ପାଦକ କମ୍ରେଡ ମଧୁ ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସଭା ଆରମ୍ଭରେ ଜଗତଜନନୀ ମାଁ ଦୁର୍ଗାଙ୍କର ପୂଜା ପରେ ସଂଗଠନର ସହକାରୀ କୋଷାଧ୍ୟକ୍ଷ ମୀନାକ୍ଷୀ ସାଗର ଅତିଥିମାନଙ୍କୁ ମଂଚକୁ ଆହ୍ୱାନ କରିବା ସହ ପରିଚୟ ପ୍ରଦାନ କରିଥିଲେ । ସଂପାଦକ ବିଶ୍ୱ ମହିଳା ଦିବସ ର ଇତିହାସ ଓ ତାତ୍ପର୍ଯ୍ୟ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ସାମାଜିକ କର୍ମୀ ଉତ୍କଳ ପ୍ରାନ୍ତୀୟ ଶିକ୍ଷା ବିକାଶ ସମିତିର ପ୍ରଭାରୀ କବି ଓ ସୁସାହିତ୍ୟିକା ଆଦ୍ୟାଶକ୍ତି ନାରୀ ଶକ୍ତି ସଂଗଠନର ସଂପାଦକ କସ୍ତୁରୀ ରଥ ମୁଖ୍ୟ ଅତିଥି, ଇଷ୍ଟକୋଷ୍ଟ ରେଲୱେ ମହିଳା



ସଂଗଠନ ବଲାଙ୍ଗିର ଶାଖାର ସଂପାଦିକା ଗୀତା ସିଂ ମୁଖ୍ୟବକ୍ତା ଓ ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟିର ସଂପାଦିକା ତଥା ଆଇନ ପରାମର୍ଶଦାତା ଜୟନ୍ତୀ ମିଶ୍ର ବରେଣ୍ୟ ଅତିଥି ରୂପେ ମଂଚାସିନ ହୋଇଥିଲେ। ଅତିଥିମାନେ ବର୍ତ୍ତମାନ ସମୟରେ ନାରୀ ଜାତିର ବିଭିନ୍ନ ସମସ୍ୟା, ସାମାଜିକ ଓ ଘରୋଇ ହିଂସା, ସାମାଜିକ ଓ ବୃତ୍ତିଗତ ଅସମାନତା, କାର୍ଯ୍ୟ କ୍ଷେତ୍ରରେ ଶୋଷଣ ଆଦି ଦିଗରେ ଆଲୋକପାତ କରିବା ସହିତ ଶିକ୍ଷା, ସଂସ୍କୃତି, କାର୍ଯ୍ୟଦକ୍ଷତା ଓ ସ୍ୱାବଲମ୍ବି ହିଁ ନାରୀକୁ ଆହୁରି ସଶକ୍ତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରେଲୱେ ପରିବାରରେ ସୁଶ୍ରୀ ସୋନାଲି ସିଂ ସର୍ବଭାରତୀୟ ମେଡିକାଲ ପରୀକ୍ଷା ଉତ୍କର୍ଷତା ଲାଭ କରିଥିବାରୁ, ସୁଶ୍ରୀ ଅଭିପ୍ସା ପ୍ରୀୟଦର୍ଶିନୀ ରଣା ଯୁକ୍ତ ଦୁଇ ପରୀକ୍ଷାରେ ୮୯ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଥିବା ହେତୁ ଓ ସୁଶ୍ରୀ ପ୍ରିୟାଂଶା ସାହୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡିଶୀ ନୃତ୍ୟରେ ଖ୍ୟାତିଲାଭ କରିଥିବା ହେତୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଓ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲା । କେନ୍ଦ୍ରୀୟ ସଂଗଠନ ପଦାଧିକାରୀ କମ୍ରେଡ ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ହୋଇ ଉତ୍ସାହିତ କରିଥିଲେ । ସହ-ସଂପାଦକ ଉଜ୍ଜଳ କୁମାର ସାହୁ, ସଭ୍ୟ ସରୋଜ କୁମାର ରଣା, ଲିଳାମୟ ସାହୁ, ଦିବାକର ସାହୁ, ଗୀତାଞ୍ଜଳି ଛତ୍ରିଆ, ରୀନୁ ଦେବତା ଆଦି ସଭ୍ୟ ସଭ୍ୟାମାନେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ସାଂଗଠାନିକ ସଂପାଦକ ଉତ୍କଳ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ମନ୍ଥନ
odishamanthan.com RNI No. ORIORI/20

# ରୁଙ୍ଗଟା ମାଇନ୍ସ କରାକୋହ୍ଲା ପ୍ଲାଣ୍ଟରେ ଜାତୀୟ ସୁରକ୍ଷା ମାସ

ଯୋଡ଼ା,୯।୩: କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବଡବିଲ ରୁଙ୍ଗଟା ମାଇନ୍ସର କରାକୋହ୍ଲା ପ୍ଲାଣ୍ଟରେ ୫୫ତମ ଜାତୀୟ ସୁରକ୍ଷା ମାସ ପାଳନ ଅବସରରେ ଜାତୀୟ ସୁରକ୍ଷା ମାସର ଉଦ୍ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କାର୍ଯ୍ୟସ୍ଥଳରେ ସୁରକ୍ଷା ବିଷୟରେ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ବିପଦମୁକ୍ତ ପରିବେଶ ଗଢ଼ି ତୋଳିବା।




ଏହି ଅବସରରେ ଫ୍ୟାକ୍ଟ୍ରି ଅକ୍ୟୁପାୟର୍ ପ୍ରଣୟ କୁମାର ଦେଓଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଥିଲାୟ ଏହା ସହିତ ଫ୍ୟାକ୍ଟ୍ରି ମ୍ୟାନେଜର ସୁରେଶ କୁମାର ମହାପାତ୍ର ଏବଂ ମାନବ ସମ୍ବଳ ଅଧିକାରୀ ଶ୍ରୀ ଆନନ୍ଦ ଚରଣ ସାହୁ ଉପସ୍ଥିତ ରହି ନିଜ ବକ୍ତବ୍ୟରେ କର୍ମଚାରୀମାନଙ୍କୁ ସଦା ସୁରକ୍ଷିତ ଭାବରେ କାମ କରିବା ଏବଂ ସୁରକ୍ଷା ନୀତିକୁ ଅନୁସରଣ କରିବା ପାଇଁ ପ୍ରେରଣା ଦେଇଥିଲେ।

ସୁରକ୍ଷା ମାସର ପ୍ରାରମ୍ଭିକ ଦିନରେ ସେଫ୍ଟି ଫ୍ଲାଗ୍ ହୋଷ୍ଟିଂ ସହ ଉଦ୍ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁରକ୍ଷା ଅଧିକାରୀ ଦେବରାଜ ଭଞ୍ଜଙ୍କ ଦ୍ୱାରା ସୁରକ୍ଷା ଶପଥ ପାଠ କରାଯାଇଥିଲା ଏବଂ ସମସ୍ତ କର୍ମଚାରୀ ଏହି ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ ଭାବରେ ପରିଚାଳନା କରିବା ପାଇଁ ଲିଅାଇଜନ୍ ହେଡ୍ ବି.ଆର୍. ପାଢ଼ୀ, ପାୱାର୍ ପ୍ଲାଣ୍ଟ ହେଡ୍ କେ.ସି. ପାତ୍ର, ଡେସ୍ପାଚ ହେଡ୍ ଶୋଭିକ ଭଟ୍ଟାଚାର୍ଯ୍ୟ ସହ ଅନ୍ୟାନ୍ୟ ଅଧିକାରୀମାନେ ସକ୍ରିୟ ଭାବରେ ନିଜର ଯୋଗଦାନ ଦେଇ ସୁରକ୍ଷା ମାସର ଉଦ୍ଘାଟନୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ୭ନଂ ୱାର୍ଡ କର୍ପୋରେଟରଙ୍କ ବହୁ ଦିନର ପ୍ରଚେଷ୍ଟାରେ ଲାଗିଲା ସାଇନ୍ ବୋର୍ଡ

ବ୍ରହ୍ମପୁର,୯।୩(ମନ୍ଥନ): ମହାନଗର ନିଗମ ଅନ୍ତର୍ଗତ ୭ନଂ ୱାର୍ଡର ବିଭିନ୍ନ ପ୍ରମୁଖ ସ୍ଥାନରେ ଲାଗିଲା 'ସାଇନ୍ ବୋର୍ଡ' ବା ରାସ୍ତା, ସାହି, ସ୍ଥାନ ଓ ଗଳିର ନାମ ଫଳକ। ୱାର୍ଡର ଜନ ସାଧାରଣଙ୍କ ଦ୍ୱାରା ସାଇନ୍ ବୋର୍ଡ ସ୍ଥାପନ ନେଇ ଦାବି ରହିଥିବା ବେଳେ, ତାହାକୁ ପୂରଣ କରିବା ଲାଗି ମାନନୀୟ କର୍ପୋରେଟର ଟି



କିଶୋର ପାତ୍ରଙ୍କ ଦ୍ୱାରା ମହାନଗର ନିଗମର ସାଧାରଣ ବୈଠକରେ ବହୁ ବାର ଦାବି ଜାରି ରହିଥିଲା। ତେବେ ବହୁ ମାସର ଦାବି ପରେ ଆଜି ଶ୍ରୀ କିଶୋରଙ୍କ ଅକ୍ଲାନ୍ତ ଚେଷ୍ଟା ପରେ ୱାର୍ଡ ବିଭିନ୍ନ ପ୍ରମୁଖ ସ୍ଥାନରେ ସ୍ଥାପିତ ହୋଇଛି ସାଇନ୍ ବୋର୍ଡ। କର୍ପୋରେଟରଙ୍କ ତତ୍ତ୍ୱାବଧାନରେ ରବିବାର ଅପରାହ୍ନ ଠାରୁ ୱାର୍ଡ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ପ୍ରମୁଖ ସ୍ଥାନରେ ୱାର୍ଡର କାନ୍ଟ୍ରାକ୍ଟର ଓ ନିଗମର କର୍ମଚାରୀ ମାନଙ୍କ ସହଯୋଗ ସାଇନ୍ ବୋର୍ଡ ସବୁ ସ୍ଥାପନ କରାଯାଇଛି।

# ୩୩,୫୦୦ କୋଟିର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୯।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀଠାରେ ପ୍ରାୟ ୩୩,୫୦୦ କୋଟି ଟଙ୍କା ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତିୟ ସମାବେଶକୁ ସମ୍ବୋଧିତ କରି ମୋଦୀ କହିଥିଲେ ଯେ, ଆଜି, ଆମେ ସମସ୍ତେ ଦିଲ୍ଲୀର ବିକାଶକୁ ଏକ ନୂତନ ଗତି ଦେବା ପାଇଁ ଏଠାରେ ଏକତ୍ରିତ ହୋଇଛୁ। ଏହି ପ୍ରକଳ୍ପଗୁଡ଼ିକର ପରିଧି ବହୁତ ବ୍ୟାପକ, ଯେଉଁଥିରେ ମେଟ୍ରୋ ନେଟୱର୍କର ବିସ୍ତାରରୁ ଆରମ୍ଭ କରି ହଜାର ହଜାର ସରକାରୀ କର୍ମଚାରୀଙ୍କ ପାଇଁ ଆଧୁନିକ ଆବାସିକ କମ୍ପ୍ଲେକ୍ସ ପ୍ରତିଷ୍ଠା ପର୍ଯ୍ୟନ୍ତ ଅନେକ କାର୍ଯ୍ୟ ସମ୍ମିଳିତ ଅଛିୟ ଦିଲ୍ଲୀର ଲୋକମାନେ ଏକ ବର୍ଷ ପୂର୍ବେ ନୂତନ ଆଶା ଏବଂ ନୂତନ ସଙ୍କଳ୍ପ ସହିତ ଏଠାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ କରିଥିଲେ, ଯାହାର ଫଳାଫଳ ଆଜି ଏହି ବିକାଶ କାର୍ଯ୍ୟ ମାଧ୍ୟମରେ ଦୃଶ୍ୟମାନ ହେଉଛି, ବୋଲି ଶ୍ରୀ ମୋଦୀ ଜୋର ଦେଇ କହିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରି ପ୍ରଧାନମନ୍ତ୍ରୀ ମହିଳାମାନଙ୍କର ବିପୁଳ ଉପସ୍ଥିତିକୁ ପ୍ରଶଂସା କରିଥିଲେ ଏବଂ ରାଜ୍ୟ ସରକାରଙ୍କ ସଫଳ ନେତୃତ୍ୱରେ ରାଜନୀତି, ବିଜ୍ଞାନ ଏବଂ କ୍ରୀଡା ସହିତ ବିଭିନ୍ନ କ୍ଷେତ୍ରରେ ଭାରତର ସଶକ୍ତୀକରଣ କାହାଣୀକୁ କିପରି ସେମାନଙ୍କର ଶକ୍ତି ଏବଂ ଆତ୍ମବିଶ୍ୱାସ ପରିଚାଳିତ କରୁଛି ତାହା ବର୍ଣ୍ଣନା କରିଥିଲେୟ ରାଜନୀତି ହେଉ କି ପ୍ରଶାସନ, ବିଜ୍ଞାନ, କ୍ରୀଡ଼ା କିମ୍ବା ସାମାଜିକ ସେବା-ଭାରତର 'ନାରୀ ଶକ୍ତି' ପ୍ରତ୍ୟେକ କ୍ଷେତ୍ରରେ ନୂତନ ଶକ୍ତି ସହ ଆଗକୁ ବଢୁଛି, ବୋଲି ଶ୍ରୀ ମୋଦୀ ଆଲୋକପାତ କରିଥିଲେ।ଦିଲ୍ଲୀ ଭାରତୀୟ ଗଣତନ୍ତ୍ରର ବିଶ୍ୱସ୍ତରୀୟ ପରିଚୟ ଓ ଶକ୍ତିର ପ୍ରତୀକ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରାଜଧାନୀର ଭିତ୍ତିଭୂମି ସୁବିଧା ଓ ସଂଯୋଗ ବ୍ୟବସ୍ଥାର ଆଧୁନିକୀକରଣ, ଯେପରିକି ନମୋ ଭାରତ ଟ୍ରେନ୍ ଏବଂ ମେଟ୍ରୋ ନେଟୱର୍କର ଐତିହାସିକ ବିସ୍ତାର ୩୭୫ କିଲୋମିଟର ପର୍ଯ୍ୟନ୍ତ ନେଇଯିବା, ବିଶ୍ୱ ସମ୍ମୁଖରେ ଭାରତର ଆତ୍ମବିଶ୍ୱାସ ପ୍ରଦର୍ଶନ କରିବା ପାଇଁ ଅତ୍ୟାବଶ୍ୟକୟ ଦିଲ୍ଲୀ ଯେତେ ଆଧୁନିକ, ସୁବିଧାଜନକ ଏବଂ ଭଲ ଭାବରେ ସଂଯୁକ୍ତ ହେବ, ଭାରତର ଆତ୍ମବିଶ୍ୱାସ ବିଶ୍ୱ ସମ୍ମୁଖରେ ସେତେ ଦୃଢ଼ ଭାବରେ ଦୃଶ୍ୟମାନ ହେବ, ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ।

ଡବଲ-ଇଞ୍ଜିନ୍ ଶାସନ ମଡେଲ୍ ଅଧୀନରେ, ପ୍ରତିଦିନ ବସ୍ ସେବା ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ନାଗରିକଙ୍କ ପାଇଁ ସ୍ୱଚ୍ଛ, ଆରାମଦାୟକ ଏବଂ ଆଧୁନିକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଜାତୀୟ ରାଜଧାନୀର ପ୍ରତ୍ୟେକ ପରିବହନ ସୁବିଧାକୁ ବ୍ୟବସ୍ଥାଗତ ଭାବରେ ଉନ୍ନତ କରାଯିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେୟ କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଚାରି ହଜାରରୁ ଅଧିକ ଇଲେକ୍ଟ୍ରିକ୍ ବସ୍ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବାବେଳେ, କେବଳ ଗତ ବର୍ଷ ଅତିରିକ୍ତ ୧,୮୦୦ ନୂତନ ବସ୍ ନିୟୋଜିତ କରାଯାଇଛି, ଯେଉଁଥିରେ ଶତାଧିକ 'ଦେବୀ ବସ୍' ମଧ୍ୟ ରହିଛି, ଯାହା ଦିଲ୍ଲୀର କଲୋନୀ ଏବଂ ପଡ଼ୋଶୀ ଅଞ୍ଚଳଗୁଡ଼ିକରେ ଶେଷ ମାଇଲ୍ ସଂଯୋଗକୁ ଶକ୍ତିଶାଳୀ କରିବା ପାଇଁ ରୂପାୟିତ, ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସରକାର ବର୍ତ୍ତମାନ ଜାତୀୟ ରାଜଧାନୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ମୁକାବିଲା କରିବା ପାଇଁ ମିଶନ ମୋଡ୍ରେ କାର୍ଯ୍ୟ କରୁଛନ୍ତି, ବିଶେଷ କରି ପେରିଫେରାଲ୍ ଏକ୍ସପ୍ରେସୱେ କିପରି ପୂର୍ବରୁ ସହରରେ ପ୍ରବେଶ କରିବାକୁ ପଡୁଥିବା ଲକ୍ଷ ଲକ୍ଷ ଯାନବାହନକୁ ସଫଳତାର ସହିତ ସ୍ଥାନାନ୍ତର କରିଛି ତାହା ଉପରେ ଆଲୋକପାତ କରିଥିଲେୟ ଯମୁନା ନଦୀର ପୁନରୁଦ୍ଧାର ପାଇଁ ଏକ ବିଶାଳ ପଦକ୍ଷେପ ଆରମ୍ଭ କରାଯାଇଛି, ଏହାର ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ କୋଟି କୋଟି ଟଙ୍କାର ପ୍ରକଳ୍ପ ଉପରେ କାର୍ଯ୍ୟ ପୂର୍ବରୁ ଚାଲିଛି, ବୋଲି ଶ୍ରୀ ମୋଦୀ ଆଲୋକପାତ କରିଥିଲେ।

# ଜିଲ୍ଲାସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ – ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୪୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା।



ସେଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ ଓ ୧୧ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଆସିଷ୍ଟାଣ୍ଟକଲେକ୍ଟର ଶ୍ରୀ ସଞ୍ଜୟ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଛେଣ୍ଡିପଦା ତହସିଲଦାର୍ମାନସ ରଞ୍ଜନ ରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନିଷ ଏକ୍କା, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ଦାଖଲ କରିଥିଲେ। ଲୋକମାନେ ଗ୍ରାମ୍ୟ ସମସ୍ୟା,ସମେତ ବିଭିନ୍ନ ଅଭିଯୋଗ କରିଥିଲେ।

## ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ କବାଡି ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି ବୈଠକ

ନବରଙ୍ଗପୁର : ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ନବରଙ୍ଗପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃ ଜିଲ୍ଲା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବୟ ଏଥିନିମନ୍ତେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ଙ୍କ ଅଧ୍ୟକ୍ଷତା ଏବଂ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲାକା ରବୀନ୍ଦ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଏବଂ ଜିଲ୍ଲା କ୍ରୀଡା ସଂଘର ସମସ୍ତ କାର୍ଯ୍ୟ ନିର୍ବାହୀ ସଦସ୍ୟ ମାନେ ଯୋଗ ଦେବା ନିମନ୍ତେ କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏକ ଚିଠି କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ପୁରୁଷ ଓ ମହିଳା ବର୍ଗର ଖେଳାଳି ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

# ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ : ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହରା ଛେଣ୍ଡିପଦା ଓ ବଅଁରପାଳ ସ୍ଥିତ ଅଦାଲତ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୬ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ପ୍ଲି ବାର୍ଗେନିଂ, ଚେକ ବାଉନସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁ ଓ ଜଳ ପୈଠ ବିଲ ସମ୍ବନ୍ଧୀୟ ମାମଲା (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ ପାରିବାରିକ ବିବାଦ, ଜମି ଅଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା(ଜିଲ୍ଲା କୋର୍ଟରେ ଓ ଜିଲ୍ଲା/ ତାଲୁକ୍ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ) ବୌଦ୍ଧିକ ସମ୍ପତି ଅଧିକାର ମାମଲା/ ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ -ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋଷ ସହମତିରେ ସମାଧାନ କରାଯାଇପାରିବ।

ଏହା ସହିତ ପ୍ରାକ-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ମାମଲା ତଥା ଚେକ ବାଉନସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ। ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ ଅଟେ। ସବିଶେଷ

ବିବରଣୀ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିରଣ, ଅନୁଗୋଳ ବା ତାଲୁକ ଆଇନସେବା କାର୍ଯ୍ୟାଳୟତାଳଚେର, ଆଠମଲ୍ଲିକ, ପାଲ୍ଲହଡା, ଛେଣ୍ଡିପଦା ଓ ବଂଅରପାଳ ସହିତ ଯୋଗାଯୋଗ କରନ୍ତୁ।

# ରାଜଗାଙ୍ଗପୁର ପ୍ରସିଦ୍ଧ ଲାଲ ବାବା ମଜାର କମିଟି ସଭାପତିଙ୍କ ଇଫତାର ପାର୍ଟିରେ ଯୋଗଦାନ

ରାଜଗାଙ୍ଗପୁର,୯।୩: ସୁନ୍ଦରଗଡ଼ ଜିଲ୍ଲା ତଥା ଓଡ଼ିଶା ରାଜନୀତି ର ପ୍ରବିନ ବିଶିଷ୍ଟ ସମାଜସେବୀ ପୁର୍ବତନ ଜନତା ଦଳର ସଭାପତି ବିଜୁ ଜନତା ଦଳର ବରିଷ୍ଠ ନେତା ବିଭିନ୍ନ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ ସହ ଜଡ଼ିତ ଓ ବଡ଼ଗାଁ ଅଞ୍ଚଳର ବିକାଶ ପୁରୁଷ, ବଡ଼ଗାଁ ନର୍ସିଂ କଲେଜ ର ପ୍ରତିଷ୍ଠାତା ରାମଚନ୍ଦ୍ର ନାୟକ ଓ ତାଙ୍କର ସୁପୁତ୍ର ଡଃ ଅରୁଣ ନାୟକ ଙ୍କ ଅଧ୍ୟକ୍ଷତାରେ ଗଡଗା ନର୍ସିଂ କଲେଜ ପରିସରରେ ପବିତ୍ର ରମଜାନ ମାସର ଉପବାସ ପାଳନ କରୁଥିବା ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ଙ୍କ ପାଇଁ ଇଫତାର ପାର୍ଟିର ଆୟୋଜନ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ସମଗ୍ର ରାଜଗାଙ୍ଗପୁର ସହର ର ଝରଝରା କମିଟି ସମ୍ପାଦକ ଅଶୋକ ଦାସ ସମାଜସେବୀ ଜାଫର ମୋବିନ ଜିଲ୍ଲାର ମୁସଲିମ କମିଟି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ହାଜି ଅବଦୁଲ ସହିଦ, ଜିଲ୍ଲା କଂଗ୍ରେସ ସଭାପତି ନିର୍ମଳ ନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନ୍ତୋଷ ଅମାତ, ଏମଡି ମେହମୁଦ ଏମିତି ୱସିମ ଙ୍କ ସହିତ ସୁନ୍ଦରଗଡ଼ ଝାରସୁଗୁଡ଼ା ସବତେଗା ବିରମିତ୍ର ପୁର ରାଉରକେଲା ବଣାଇ ଖଡକୁଳବାହାଳ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୁସଲିମ କମିଟି ର ଧର୍ମ ଗୁରୁ ବିଭିନ୍ନ



ସମ୍ପ୍ରଦାୟର ଲୋକେ ରାଜନୈତିକ ଦଳର ନେତା ଯୋଗଦାନ କରି ସନ୍ଧ୍ୟାରେ ନମାଜ ପାଠ ପରେ ଇଫତାର ପାର୍ଟିରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଗତ ୨୫ ବର୍ଷ ଧରି ରାମଚନ୍ଦ୍ର ନାୟକ ପରିଚାଳନା କରୁଥିବା ତଥା ପ୍ରତି ବର୍ଷ ପାଳନ କରାଯିବ ବୋଲି ସେ ସୂଚନା ଦେଇଥିଲେ।

# ଉତ୍କଳ ଆଲୁମିନା ପକ୍ଷରୁ ମହାଡମ୍ବରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ରାୟଗଡ଼ା, ୯/୩: ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ମହାଡମ୍ବରରେ ଅନ୍ତର୍ଜାତୟ ମହିଳା ଦିବସ ପାଳିତ ହୋଇଯାଇଛିୟ ସ୍ଥାନୀୟ ନୂଆପଡ଼ା ଟାଉନସିପ ସ୍ଥିତ କ୍ଲବ୍ ହାଉସ ଠାରେ ଆୟୋଜତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ରୂପାଲି ପାତ୍ର (ଓପ୍ରସେ) ଓ ସହକାରୀ ଜିଲ୍ଲାପାଳ ଲିପ୍ସା ପଟେଲ୍ (ଓଆରଏସ୍) ଯୋଗ ଦେଇଥିଲେୟ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସୁଶ୍ରୀ ପାତ୍ର କହିଛନ୍ତି ଯେ, ସାଂପ୍ରତିକ ସମୟରେ ମହିଳା ସମସ୍ତ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଛନ୍ତିୟ ନିଜକୁ ସିମୀତ ନକରି ଜ୍ଞାନ ଆହରଣ ଓ ଦକ୍ଷତା ବୃଦ୍ଧି ଜରିଆରେ ନିଜକୁ ସ୍ୱାବଲମ୍ବୀ କରିବାକୁ ସେ ପରାମର୍ଶ ଦେଇଥିଲେୟ ସେହିପରି ସୁଶ୍ରୀ ପଟେଲ୍ ଉଦବୋଧନ ଦେଇ କହିଥିଲେ ଯେ, ଶିକ୍ଷା ହିଁ ପରିବର୍ତ୍ତନର ମୁଖ୍ୟ ଅସ୍ତ୍ରୟ ପୂରାତନ କାଳରୁ ବର୍ତ୍ତମାନ ଆଧୁନିକ ଯୁଗରେ ଶିକ୍ଷା ସବୁବେଳେ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିଚିୟ ସମାଜ ମହିଳାଙ୍କ ଦ୍ୱାରା ପରିଚାଳିତ।




ତେଣୁ ମହିଳା, ଶିକ୍ଷିତ ତଥା ନିଜକୁ ଶକ୍ତିଶାଳୀ ନକଲେ ସମାଜ ସକାରାତ୍ମକ ପରିବର୍ତ୍ତନ ହେବନାହିଁ ବୋଲି ସୁଶ୍ରୀ ପଟେଲ୍ ପ୍ରକାଶ କରିଥିଲେ। ଅନୁରୂପ ଭାବେ କାରଖାନା ମୁଖ୍ୟ ତଥା ଅଧକ୍ଷ ରବି ନାରାୟଣ ମିଶ୍ର ପ୍ରକାଶ କରିଥିଲେ ଯେ, ମହିଳା ସବୁବେଳେ ପୂଜ୍ୟ, ତାଙ୍କ ସହଯୋଗ ବିନା ପରିବାର ତଥା ସମାଜରେ ପ୍ରଗତି ହୁଏନିୟ ମହିଳା ଅଗ୍ରସର ହେଲେ ସମାଜରେ ଉନ୍ନତି ହେବ। ଜଣେ ମହିଳା ନିଜ ଜୀବନରେ ପରିବାର ପାଇଁ ବହୁ ତ୍ୟାଗ କରନ୍ତିୟ ସେମାନଙ୍କ ବିନା ସହଯୋଗରେ ସମାଜରେ ଉନ୍ନତୀ ଅପରିକଳ୍ପିତ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଅବସରରେ କାରଖାନାରେ କାର୍ଯ୍ୟରତ ୧୦୦ରୁ ଉର୍ଦ୍ଧ୍ୱ ମହିଳା କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁରକ୍ଷା ବିଭାଗ ମୁଖ୍ୟ ବିଶ୍ୱଜିତ୍ ଯୋଦ୍ଧାରଦର୍ ଘରୋଇ ଗ୍ୟାସ ସିଲିଣ୍ଡର୍ ବ୍ୟବହାର ଓ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ସମ୍ପର୍କରେ ସଚେତନତା କରିଥିଲେୟ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ମୁଖ୍ୟ ନାରାୟଣ ମୀତ୍ରା, ଉତ୍ତମ୍ ଗିରି, ଲୋପାମୁଦ୍ରା ପ୍ରିୟଦର୍ଶିନୀ, ପିତାମ୍ବର ବେହେରାଙ୍କ ସମେତ ମଧୁମିତା ମଣ୍ଡଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କେବେ ଦୂର ହେବ ପାଣି ସମସ୍ୟା

ନବରଙ୍ଗପୁର,୯।୩(ନି.ପ୍ର.): ମୁନ୍ଦାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଗୋରା ବାଲଟି ଧରି ଅପେକ୍ଷା କରିବାକୁ ପଡୁଛି ବୋରୱେଲ ପାଖରେ। ପିଇବା, ରୋଷେଇ କରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ସକାଶେ ଜଳ ର ସଙ୍କଟ, ଗ୍ରାମରେ ସରକାର ପକ୍ଷରୁ ଘର ଘରକୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଥାଇ ମଧ୍ୟ କାମରେ ଲାଗୁନାହୁଁ ଦୀର୍ଘ ଦିନ ହେଲା। ୭୫୦ ଉର୍ଦ୍ଧ ଜନସାଧାରଣ ବସବାସ କରୁଥିବା ବାମନଦେଇଭଟା ଗ୍ରାମରେ ପାଞ୍ଚ ଟି ନଳକୂପ, ଜଳ ଜୀବନ ମିଶନ ପାନୀୟ ଜଳ ପ୍ରକଳ୍ପ ରେ ଘର ଘର କୁ ପାଣି ଟ୍ୟାପ, ୱାଟର ହେଡ଼ ଟାଙ୍କି ରହିଛି କିନ୍ତୁ କେଉଁଠୁ ମଧ୍ୟ ପାଣି ଟୋପାଏ ବାହାରୁ ନାହିଁ। ଏଣୁ ବାଧ ହୋଇ ପୋଖରୀ ପାଣି ଉପରେ ଭରସା, ଗ୍ରାମରେ ଜଳ ସଙ୍କଟ ନେଇ ପ୍ରଶାସନ ଓ ସରକାର ଙ୍କୁ ଯେତେ ଅଭିଯୋଗ କଲେ କେବଳ ମିଳୁଛି ଫମ୍ପା ଆଶ୍ୱାସନା ଓ ପ୍ରତିଶୃତିୟଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକଷ୍ଠ ରେ ଦୁଇ ଥର ଅଭିଯୋଗ ପରେ ବି ସମାଧାନ ହୋଇ ପାରୁ ନାହିଁ ଜଳ ସଙ୍କଟ ର ସମସ୍ୟା ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭଣ୍ଡାରୀଗୁଡା ପଂଚାୟତ ର ବାମନଦେଇଭଟା ଗାଁ ରେ ଲାଗିରହିଛି ଜଳ ଶଙ୍କଟ। ଗାଁ ରେ ପ୍ରାୟ ୨୨୦ ପରିବାର ରେ ୭୫୦ ରୁ ଉର୍ଦ୍ଧ ଜନସଂଖ୍ୟା ବାସବାସ କରୁଛନ୍ତି। ଉକ୍ତ ଗାଁ ରେ ଦୁଇଟି ୱାର୍ଡ ରେ ଚାରି ଗୋଟି ସାହି ରହିଛି। ଗାଁ ରେ ୫ଟା ନଳକୂଅ ଥିବା ବେଳେ ୨ଟି ନଳକୂଅ ଖରାପ ହୋଇଯାଇଛି ବାକି ୩ ଟି ନଳକୂଅ ରୁ ଅଳ୍ପ ଅଳ୍ପ ପାଣି ବାହାରୁ ଥିବା ବେଳେ ହାଣ୍ଡିଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି,ବାମନଦେଇଭଟା ଗ୍ରାମରେ ପୋଖରୀ ଅଛି ଯାହା ଫଳରେ ନିତ୍ୟାବ୍ୟବହାର୍ଯ୍ୟ ସକାଶେ ଯେଉ ପାଣି ଆବଶ୍ୟକ ପଡେ ତାହା ମେଣ୍ଟାଉଛି। ଜଳ ଜୀବନ ମିଶନ ମାଧ୍ୟମରେ ଗ୍ରାମରେ ପାଣି ଟାଙ୍କି ସହ ପ୍ରତ୍ୟେକ ଘରକୁ ପାଇପ ସଂଯୋଗ କରାଯାଇଛି କିନ୍ତୁ ଟ୍ରାନ୍ସଫରମର ଖରାପ ଯିବା ଯୋଗୁଁ ଟାଙ୍କି କୁ ପାଣି ଉଠୁନାହିଁ କିମ୍ବା ଜଳ ଯୋଗାଣ ହୋଇ ପାରୁ ନାହିଁୟ ଦୀର୍ଘ ଦିନ ବ୍ୟବହାର ହୋଇ ନଥିବା ଯୋଗୁଁ ପାଇପ ଗୁଡିକ ମଧ୍ୟ ଖରାପ ହେବାକୁ ବସିଲାଣି। ତିନି ବର୍ଷ ତଳେ ଜଳ ଜୀବନ ମିଶନ ରୁ କିଛି ଦିନ ପାଇଁ ପାଣି ଯୋଗେଇ ଦିଅ। ଯାଇଥିବା କିନ୍ତୁ ପ୍ରାୟ ତିନି ବର୍ଷ ହେଲା ଜଳ ଯୋଗାଣ ସମ୍ପୂର୍ଣ ବନ୍ଦ ହୋଇ ଯାଇଛି କ୍ଷ ଯଥା ଶୀଘ୍ର ପ୍ରକଳ୍ପ ରୁ ପାଣି ଯୋଗାଇ ଦିଆଯାଉ ନଚେତ ପଂଚାୟତ ବାସି ଆନ୍ଦୋଳନ କରିବେ ବୋଲି ଗ୍ରାମବାସି ପ୍ରକାଶ କରିଛନ୍ତି। ବାମନଦେଇଭଟା ଗ୍ରାମର ଜଳ ସଙ୍କଟ ସରପଞ୍ଚ ଓ ସମିତିସଭ୍ୟ ମାନେ ମଧ୍ୟ ପଂଚାୟତ ବୈଠକ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ ସ୍ୱତେ ଗ୍ରାମର ଜଳ ଶଙ୍କଟ ଦୂର ହୋଇ ପାରି ନାହିଁ। ଗ୍ରାମର ଜଳ ଶଙ୍କଟ ସମ୍ପର୍କ ରେ ଉମରକୋଟ BDO ମନୋଜ ମେହେର ଙ୍କ ଠାରୁ ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲୁ ସେ ପ୍ରକାଶ କରିଛନ୍ତି ଏହି ସମ୍ପର୍କ ରେ ଅଭିଯୋଗ ଆସିଛି ଅଳ୍ପ ଦିନ ମଧ୍ୟରେ ଜଳ ଜୀବନ ମିଶନ ପାନୀୟ ଜଳ ପ୍ରକଳ୍ପ ର ବିଦ୍ୟୁତ ଟ୍ରାନ୍ସଫରମର ନୂଆ ଲଗାଯିବ ଓ ଜଳ ଯୋଗାଣ କରାଯିବ। ବାମନଦେଇଭଟା ଗ୍ରାମରେ ସରକାର ପକ୍ଷରୁ ପାନୀୟ ଜଳ ପାଇଁ ସବୁ ବ୍ୟବସ୍ଥା ଥିବା ବେଳେ କିଛି ସରକାରୀ ବାବୁ ଙ୍କ ଅବହେଳା ଯୋଗୁଁ ଗ୍ରାମ ବାସି ଟୋପାଏ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ